## ସଂକ୍ଷେପରେ

### କୁମ୍ଭାରପଡ଼ା ରାମଲୀଳା: ସୀତା ବିବାହ, ପର୍ଶୁରାମ ଭେଟ ମଞ୍ଚସ୍ଥ

**ରିଷିଡ଼ା,୩୧।୩ (ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ା ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ରାମଲୀଳା ନାଟକର ୪ର୍ଥ ରଜନୀରେ ସୀତା ବିବାହ ଓ ପର୍ଶୁରାମ ଭେଟ ନାଟକ ମଞ୍ଚସ୍ଥ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ନାଟ୍ୟ ଅଭିନୟରେ ନୂଆ ଓ ପୁରୁଣା କଳାକାର ଅଭିନୟ କରିଥିଲେ। ଖୋଲା ରଙ୍ଗମଞ୍ଚରେ କଳାକାରଙ୍କ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ରାମଲୀଳା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ନାଟକର ବିଭିନ୍ନ ଭୂମିକାରେ ରାମଚରଣ ରଣା, ଲକ୍ଷ୍ମଣ ସାନ ରଣା, ସୀତା ନିମାଇଁ ରଣା ପ୍ରମୁଖ ଅଭିନୟ କରୁଛନ୍ତି। କୁମ୍ଭାରପଡ଼ା ଗ୍ରାମବାସୀ ଓ ଜଗନ୍ନାଥ ସାଂସ୍କୃତିକର ସଂସଦର ମୋହନ ଲାଲ ରଣା ପୁରାଣ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି।

### ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ଖଡ଼ିଆଳ,୩୧।୩(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶେଷବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ ଅତିଥି ଭାବରେ ଯୋଗଦେଇଥିଲେ। ୧ମ ବର୍ଷର ଛାତ୍ର ହୃଷୀକେଶ ଗୋପାଳ ଅତିଥି ଆମନ୍ତ୍ରଣ କରିଥିଲେ। ଅତିଥିଗଣ ୨ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ସଫଳତା ଅର୍ଜନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଅବସରରେ କନିଷ୍ଠମାନେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ଉପହାର ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ୧ମ ବର୍ଷର ଛାତ୍ରୀ ବିଳାସିନୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ସିନାପାଲି,୩୧।୩(ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସଭାପତି ତ୍ରିନାଥ ମେହେରଙ୍କ ସଭାପତିତ୍ୱରେ ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବୋଡ଼େନ ବ୍ଲକ ଅଧ୍ୟକ୍ଷ ଲମ୍ବୋଧର ନିଆଲ ମୁଖ୍ୟ ଅତିଥି, ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମ ମୁଖ୍ୟ ବକ୍ତା ଓ ଦାମୋଦର ମେହେର, ସମ୍ପାଦକ ବୈବସ୍ୱତ ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାମନ୍ଦିରର ବାର୍ଷିକ ବିବରଣୀ ପଠନ କରିଥିଲେ। ଚଳିତବର୍ଷ ନବୋଦୟ ତଥା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ସ୍ତରୀୟ ଖେଳକୁଦରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ଶିଶୁ ବିଦ୍ୟାମନ୍ଦିର ଯୁଗ୍ମ ସମ୍ପାଦକ ଜଗଦୀଶ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡିରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

- ୫୯୭୭ ବିଦ୍ୟାଳୟରେ ୧୫ ଶହ ଶିକ୍ଷକ ପଦବୀ ଖାଲି
- ୧୦୧ଟି ଶ୍ରେଣୀଗୃହ ବିପଦସଙ୍କୁଳ

**ଭବାନୀପାଟଣା,୩୧।୩(ଉତ୍ତମ କୁମାର ଦାଶ)**




କଳାହାଣ୍ଡି ଜିଲାରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେବଳ ଭିତ୍ତିଭୂମି ନୁହେଁ, ବରଂ ଶିକ୍ଷକ ଅଭାବ ଯୋଗୁ ସମଗ୍ର ଶିକ୍ଷା ବ୍ୟବସ୍ଥା ଏବେ ଭୁଶୁଡ଼ିବା ଅବସ୍ଥାକୁ ଚାଲିଆସିଛି। ତଥ୍ୟ ଅନୁଯାୟୀ, ଜିଲାର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଲେଭଲ-୩ ପ୍ରଧାନଶିକ୍ଷକ ପଦବୀର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ୬୬୫ ଥିବାବେଳେ ୩୮୧ଟି ଖାଲିପଡ଼ିଛି। ଅର୍ଥାତ୍ ଜିଲାର ପ୍ରାୟ ୫୭% ବିଦ୍ୟାଳୟ ଏବେ ସ୍ଥାୟୀ ପ୍ରଧାନଶିକ୍ଷକ ଶୂନ୍ୟ ରହିଛି। ଫଳରେ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ସ୍କୁଲ ପରିଚାଳନା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ସେହିପରି ଜିଲାର ମୋଟ ୫,୯୭୭ଟି ବିଦ୍ୟାଳୟରେ ପ୍ରାୟ ୧,୫୦୦ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ଅନେକ ବିଦ୍ୟାଳୟ ଏକକ ଶିକ୍ଷକ ଭରସାରେ ଚାଲିଛି। ଜିଲାର ଥୁଆମୂଳ ରାମପୁର ଓ ଲାଞ୍ଜିଗଡ଼ ଭଳି ଦୁର୍ଗମ ଅଞ୍ଚଳରେ ଏହି ସମସ୍ୟା ଆହୁରି ଜଟିଳ ହୋଇଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଯୁଗରେ କଳାହାଣ୍ଡିର ପିଲାମାନେ ବିଜ୍ଞାନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ପରିସଂଖ୍ୟାନ ଅନୁଯାୟୀ ବିଜ୍ଞାନ ଶିକ୍ଷକ (ଲେଭଲ -୪)ର ମୋଟ ୭୧୩ଟି ପଦବୀ ମଧ୍ୟରୁ ମାତ୍ର ୧୩୧ଜଣ ଅଛନ୍ତି। ୫୮୨ଟି ପଦବୀ ଖାଲି ପଡ଼ିଛି। ସେହିପରି କଳା ଶିକ୍ଷକ (ଲେଭଲ-୪)ର ୭୧୩ଟି ପଦବୀରୁ ମାତ୍ର ୨୭୨ଜଣ ଅଛନ୍ତି। ୪୪୧ଟି ପଦବୀ ଖାଲିଥିବା ଜଣାପଡ଼ିଛି। ଭିତ୍ତିଭୂମି ଦୃଷ୍ଟିରୁ ଦେଖିଲେ ଜିଲାର ପ୍ରାୟ ୧୦୧ଟି ଶ୍ରେଣୀଗୃହ ଭଗ୍ନ ପ୍ରାୟ ବା ବିପଦପୂର୍ଣ୍ଣ ବୋଲି ଚିହ୍ନଟ କରାଯାଇଛି। କେଉଁଠି ଛାତରୁ ପ୍ଲାଷ୍ଟର ଖସୁଛି ତ କେଉଁଠି ମୁଣ୍ଡ ଉପରେ କଂକ୍ରିଟ ଖଣ୍ଡ ଝୁଲୁଛି। ଫଳରେ ସେଠାରେ ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି। ଅନ୍ୟ କିଛି ସ୍ଥାନରେ ସ୍କୁଲ ଗୃହ ଅଭାବରୁ ପିଲାମାନେ ରୋଷେଇ ଘର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଜିଲା ଖଣିଜ ପାଣ୍ଠି ଓ ରୂପାନ୍ତରଣ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପ୍ରାଥମିକସ୍ତରରେ ଏଭଳି ଦୁରାବସ୍ଥା କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ପୋଲି ମତପ୍ରକାଶ ପାଉଛି। ଏ ନେଇ ଜିଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ପଚାରିବାରୁ ରାଜ୍ୟରେ ଶିକ୍ଷକମାନେ ଯେଉଁ ପଦୋନ୍ନତି ପାଉଛନ୍ତି ତାହାକୁ ନେଇ ଶିକ୍ଷକ ଶିକ୍ଷକଙ୍କ ଉପରେ କୋର୍ଟରେ ମାମଲା କରୁଥିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି କହିଥିଲେ।

## କର୍ଲାମୁଣ୍ଡା ପାକ୍ସର ବାର୍ଷିକ ସାଧାରଣ ସଭା



ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା ଓ ଚାଷୀମାନେ।

**କର୍ଲାମୁଣ୍ଡା,୩୧।୩(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କର୍ଲାମୁଣ୍ଡା ପାକ୍ସର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାକ୍ସ ସଭାପତି ଇନ୍ଦୁମତି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାର୍ଷିକ ବିବରଣୀ ଓ ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହା ସହ ସାର, ବିହନ, ନୂତନ ଋଣ ଓ ବକେୟା ଋଣ ପୈଠ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଯାଇଥିଲା। ଅନ୍ୟପଟେ ପାକ୍ସ ମାଧ୍ୟମରେ ନୂତନ ବ୍ୟବସାୟ ଆରମ୍ଭ ପାଇଁ ସରକାରଙ୍କୁ ଅନୁରୋଧକରିବା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାକ୍ସ ଉପସଭାନେତ୍ରୀ ବନିତା ସାହୁ, ନିର୍ଦ୍ଦେଶକ ଭରତ ବେହେରା, କ୍ଷମରାଜ ସାହୁ, ଆନନ୍ଦ ସାହୁ, ଟିକି ବାଗ, ଶୁକ୍ରୁ ରଣା ଓ ରଥ ରଣା ଉପସ୍ଥିତ ରହି ମତ ରଖିଥିଲେ। ଚାଷୀନେତା ନନ୍ଦୀକିଶୋର ଭୋଇ ଓ ନାଏବ ସରପଞ୍ଚ ରାଧେଶ୍ୟାମ ବାଗ ମଧ୍ୟ ସଭାରେ ଉପସ୍ଥିତ ଥିଲେ। ଚାଷୀ ବାଜେବନ ଭୋଇ, କୃଷ୍ଣ ନାଏକ, ଅଜର ବାଗ, ଧର୍ମାନନ୍ଦ କୁମାର, ଶିବ କୁମାର, ମଣ୍ଟୁ ନାଏକ, ଯୁଗ ସୁନା, ଅନନ୍ତ ସାହୁ, ମଦନ ସାହୁଙ୍କ ସମେତ ଅନେକ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମା’ ଠାକୁରାଣୀଙ୍କ ଘଟଯାତ୍ରା ସମ୍ପନ୍ନ



ଠାକୁରାଣୀଙ୍କ ଘଟ ଯାତ୍ରା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

**କୋକସରା,୩୧।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କୋକସରା ସଦର ମହକୁମାଠାରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ମା’ ଠାକୁରାଣୀଙ୍କ ଘଟଯାତ୍ରା ପାଳିତ ହୋଇଯାଇଛି। ମନ୍ଦିରରେ ମୁଖ୍ୟ ପୂଜାରୀ ନନ୍ଦ କିଶୋର ଧରୁଆଙ୍କ ପୂଜାର୍ଚ୍ଚନା ପରେ ମା’ଙ୍କ ପ୍ରଥମ ଘଟ (ମାଟିରେ ତିଆରି ଛୋଟ ଆକୃତିର ମାଠିଆ) ଗ୍ରାମ୍ୟ ପୂଜକଙ୍କ ଦାରା ନିର୍ଦ୍ଧାରିତ ହୋଇଥିବା କୁମାରୀ କନ୍ୟା ମୁଣ୍ଡରେ ଧାରଣ କରିଥିଲେ। ସେହିପରି ଦ୍ୱିତୀୟ ଘଟ ଗାଁ ଗୌନ୍ତିଆ ହେମନ୍ତ କୁମାର ପ୍ରଧାନୀଙ୍କ ଘରୁ ଓ ତୃତୀୟ ଘଟ ଗାଁର ଗଣ୍ଡା ଗୋବର୍ଦ୍ଧନ ବାଗଙ୍କ ଘରୁ ଧାରଣ କରି କୁମାରୀ କନ୍ୟାମାନେ ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଗଣାବାଜା ସହ ଅନ୍ୟ ପାର୍ଶ୍ୱ ଦେବଦେବୀ ଶିରା ଓ କାଳିସୀମାନେ ମଧ୍ୟ ନଗର ପରିକ୍ରମା କରିଥିଲେ। ଏହି ସମୟରେ ଗ୍ରାମର ପ୍ରତି ଘର ଅଗଣାରେ ଶ୍ରଦ୍ଧାଳୁମାନେ ଗୋବର ପାଣି ଢାଳି ମା’ଙ୍କ ପୂଜାର୍ଚ୍ଚନା ପାଇଁ ଶୁକ୍ଲ ଭୋଗରେ ମୁଆଁ, ନଡିଆ, କଦଳୀ, ମନ୍ଦାର ଫୁଲ, ମହୁଲ ଫୁଲ, ପଳାସ ଫୁଲ, କାନ୍ଦୁଲ ଆଦି ଦେଇ ପରିବାରର ମଙ୍ଗଳ କାମନା ପାଇଁ ମା’ଙ୍କ ନିକଟରେ ଆଶିଷ ଭିକ୍ଷା କରିଥିଲେ। ଚୈତ୍ର ଯାତ୍ରା ପରିଚାଳନାରେ ପୂଜାରୀ ଦିଲିପ କୁମାର ଧରୁଆ, ଦିଲୁ ସିଂ ଧରୁଆ, ଠାକୁରାଣୀ ମନ୍ଦିର କମିଟିର ସେବକ ମା’ ଠାକୁରାଣୀ ଶିରା ଅନିଳ ରାଉତ, ପୁରୁଷୋତ୍ତମ ନାଏକ, ବିଜୟ ରାଉତ, ସୁରେଶ ନାଗ ପ୍ରମୁଖ ସହଯୋଗ କରିଥିଲେ।

### ଲାଖବହାଲିଠାରେ ମା’ ଠାକୁରାଣୀଙ୍କ ଝାମୁଯାତ୍ରା ସମ୍ପନ୍ନ

**ଲାଞ୍ଜିଗଡ଼, ୩୧।୩(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଲାଖବହାଲିଠାରେ ମା’ ଠାକୁରାଣୀଙ୍କ ଝାମୁଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି, ମୁଗ, କୋଳଥ, ମକା ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଚାଙ୍ଗୁଡ଼ି ତିଆରି କରି ଚାଙ୍ଗୁଡ଼ିରେ ନିକଟସ୍ଥ ଖଣ୍ଡାଧୁଆ ନଦୀରୁ ବାଲି କଢାଯାଇଥିଲା । ପରେ ୭ଟି ନୂଆଁ ଚାଙ୍ଗଡିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମାନସିକ ଅନୁଯାୟୀ ଭକ୍ତମାନେ ଛେଳି, କୁକୁଡ଼ା ଓ ପାରା ବଳି ଦେଇଥିଲେ। ମା’ ଠାକୁରାଣୀଙ୍କ ମୁଖ୍ୟ ପୂଜକ ରାମ ଚନ୍ଦ୍ର ନାଏକ, ବାହୁକ ଅଭିରାମ ନାଏକ, ରୋଶନ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ବଡ଼କୁଟ୍ରୁ ପାକ୍ସର ବାର୍ଷିକ ସାଧାରଣ ସଭା



ବୈଠକରେ ଯୋଗଦେଇଥିବା ଅତିଥିମାନେ।

**କଲମପୁର, ୩୧।୩ (ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ବଡ଼କୁଟ୍ରୁ ପାକ୍ସର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ମଞ୍ଜୁଳା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ପୂର୍ବତନ ସମବାୟ ସମିତି ସଭାପତି ତଥା ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା, ୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଦୁହିତା ମାଝୀ, ବିଜମରା ସରପଞ୍ଚ ବାଳକୃଷ୍ଣ ମାଝୀ, ହାରାମାଲ ପଞ୍ଚାୟତ ସରପଞ୍ଚ ସୁଶୀଳା ଦୁର୍ଗା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଷଷ୍ଠୀ ପ୍ରସାଦ ସୁନାନୀ ସମବାୟ ସମିତିର ଆୟବ୍ୟୟ ତଥା ବିବରଣୀ ପଠନ କରିଥିଲେ। ସଭାରେ ମଣ୍ଡିରେ ସୁବ୍ୟବସ୍ଥା, ଡ୍ରେନେଜ ସୁବିଧା, ସମବାୟ ସମିତି ପକ୍ଷରୁ ଦିଆଯାଉଥିବା ସାର, କୀଟନାଶକ କିଭଳି ଚାଷୀ ସୁବିଧାରେ ପାଇପାରିବେ ତା’ ଉପରେ ଆଲୋଚନା ହୋଇଥିଲା। ଶିବପ୍ରସାଦ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ସଭାରେ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ପ୍ରତିଭା ପ୍ରଦର୍ଶନର ସୁଯୋଗ ଦିଏ ବାର୍ଷିକ ଉତ୍ସବ

**ସିନାପାଲି,୩୧।୩ (ମନଫୁଲ ମେହେର)**



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନୂଆପଡ଼ା ଜିଲା ସିନାପାଲି ସହର ମେହେରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅସ୍ମିତା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଇଓ ଯତୀନ୍ଦ୍ର କୁମାର ସେଠ ମୁଖ୍ୟ ଅତିଥି, ସିଆର୍‌ସିସି ବଂଶୀଧର ଜଗତ ମୁଖ୍ୟବକ୍ତା ଓ ସ୍ଥାନୀୟ ସରପଞ୍ଚ ସୁନିତା ମେହେର, ବରିଷ୍ଠ ଶିକ୍ଷକ ହଦାନନ୍ଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କୁ ପ୍ରତିଭା ପ୍ରଦର୍ଶନର ସୁଯୋଗ ଆଣିଦିଏ ବୋଲି ଅତିଥିମାନେ ମତ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରୀତାଞ୍ଜଳି ଚାନ୍ଦ ଓ ମିତା ମେହେରଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ଦେବପୂଜନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକନାଥ ମେହେର ଓ ସନ୍ତୋଷିନୀ ମେହେର ମଞ୍ଚ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ଲୋକନାଥ ମେହେର ଧନ୍ୟବାଦ ଦେଇଥିଲେ।

### ଠୁଟିବର ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

**ନୂଆପଡ଼ା,୩୧।୩ (ମକାରୁ ବେମାଲ) :** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଠୁଟିବର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଳାହାଣ୍ଡି ଓ ନୂଆପଡ଼ା ଜିଲା ଶିକ୍ଷା ନିରୀକ୍ଷକ (କଲ୍ୟାଣ ବିଭାଗ) ଉଦୟସିଂ ମାଝି ମୁଖ୍ୟଅତିଥି, କୋମନା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ ବିଶିଷ୍ଟ ଅତିଥି, ଖବରଦାତା ମୋତିଲାଲ ବାଗ ମୁଖ୍ୟବକ୍ତା ଓ ବିଆର୍‌ସିସି କୋମନା ରାଧାକାନ୍ତ ତାଣ୍ଡି, ସିଆର୍‌ସିସି ଗେନ୍ଦରାମ ନାଏକ, ନୂଆଗାଁ ସରପଞ୍ଚ ଜୟନ୍ତିମାଳା ପ୍ରଧାନ, ଗାଁ ଝାଙ୍କର ରାମକୃଷ୍ଣ ହାତଫରିଆ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ମୁରଲୀଧର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୃପରାଜ ସଭାପତି, ତ୍ରିପୁରା ସାଧାରଣ ସମ୍ପାଦକ

### ଜିଲା ଯାଦବ ମହାସଭା କର୍ମକର୍ତ୍ତା ନିର୍ବାଚନ

**କେସିଙ୍ଗା,୩୧।୩(ଡୁମେଶ୍ୱର ସାହୁ)**




ନବନିର୍ବାଚିତ ସଭାପତି ଓ ସାଧାରଣ ସମ୍ପାଦକ।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ମାଣ୍ଡେଲସ୍ଥିତ ଯାଦବ ଭବନରେ ଜିଲା ଯାଦବ ମହାସଭାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଗଉଡ଼ଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ଯାଦବ ମହାସଭାର ସମ୍ପାଦକ ରାଜୁ ଘିଭେଲା ଓ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲା ଯାଦବ ମହାସଭାର ନୂତନ ସଭାପତି ଭାବେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ଓ କାଣ୍ଡେଲ ପାକ୍ସ ସଭାପତି ତ୍ରିପୁରା ନାଏକଙ୍କୁ ଜିଲା ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଉପସଭାପତି କମଳ ବାଗ, ଅଲେଖ ଚନ୍ଦ୍ର ଗୋପାଳ, ଜଗଦୀଶ ଯାଦବ ଓ ଯୁଧିଷ୍ଠିର ଗଉଡ଼, ଯୁଗ୍ମ ସମ୍ପାଦକ ଡମ୍ବରୁଧର ଖର୍ସେଲ, ପୂର୍ଣ୍ଣଚନ୍ଦ୍ର ଗଉଡ, ବିଶ୍ୱରଞ୍ଜନ ଧଙ୍ଗଡ଼ାମାଝୀ ଓ କୋଷାଧ୍ୟକ୍ଷ ଅର୍ଜୁନ ଭାଟି ନିର୍ବାଚିତ ହୋଇଛନ୍ତି। ଏହି ମହାସଭାରେ ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା।

## ଧାନ ବିକ୍ରି ପଞ୍ଜୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କୋକସରା,୩୧।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**



ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଇନ୍ଦ୍ରାବତୀ ଉଠା ଜଳସେଚନ ଅଞ୍ଚଳର ଚାଷୀମାନେ ଚଳିତବର୍ଷ ରବିଚାଷ ଧାନ ବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଛନ୍ତି। ଫଳରେ କୋକସରା ବ୍ଲକ ସମେତ ଜୟପାଟଣା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରସଙ୍ଗରେ ସୋମବାର ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଧାନ ବିକ୍ରି ନିମନ୍ତେ ଅନଲାଇନ ପଞ୍ଜିକରଣ ଖୋଲିବା ଓ ଅବଧି ବୃଦ୍ଧି କରିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଏହି ବିଭାଗର ମୁଖ୍ୟ ଶାସନ ସଚିବ ସଞ୍ଜୟ ସିଂଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ସୂଚନା ଅନୁସାରେ, ଚଳିତ ରବି ଋତୁରେ କୋକସରା ବ୍ଲକର ପ୍ରାୟ ୧୫ ପଞ୍ଚାୟତର ଚାଷୀ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୯୮୩୨.୪୮ ହେକ୍ଟର ଜମିରେ ଧାନ ଚାଷ କରିଥିଲେ। ତେବେ ଧାନ ବିକ୍ରି ନିମନ୍ତେ ଗତ ୧୦ ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଥିଲା। ଉକ୍ତ ସମୟସୀମା ମଧ୍ୟରେ ପୋର୍ଟାଲ ଠିକ ଭାବେ ନ ଖୋଲିବା ଓ ଉଠା ଜଳସେଚନ ବିକଳ୍ପ ଆସୁ ନ ଥିବାରୁ ଚାଷୀମାନେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି।

## ଗଙ୍ଗବଂଶୀୟ ନେତାମ ପରିବାରର ଗାଦୀପୂଜା

**ନୂଆପଡ଼ା,୩୧।୩ (ମକାରୁ ବେମାଲ)**




ବୁଢାଦେଓ ପୀଠରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଛି।

ନୂଆପଡ଼ା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତ ସାହାଜଟ ଗାଁରେ ଗଙ୍ଗବଂଶୀୟ ନେତାମ ପରିବାର ଗାଦୀପୂଜା (ବଡପୂଜା) ଅନୁଷ୍ଠିତ ହୋଇଯାଇଛି। ସୋମବାର ମୋଗରେନ ଦେବୀଠାରେ ନିଶିପୂଜା ପରେ ମଙ୍ଗଳବାର ଗାଦୀ ପୂଜା ଅନୁଷ୍ଠିତ ହୋଇଛି । ଗଙ୍ଗବଂଶୀୟ ନେତାମ ପରିବାର ଲୋକେ ପ୍ରତି ୩ ବର୍ଷରେ ଚୈତ୍ର ମାସ ତ୍ରୟୋଦଶୀ ଦିନ ପୂଜା ଆରମ୍ଭ କରି ଚୈତ୍ର ପୂର୍ଣ୍ଣିମାରେ ଉଦ୍‌ଯାପନ କରିଥାନ୍ତି। ଏଥିରେ ଚତୁର୍ଭୂଜ ନିରାକାର ବୁଢାଦେଓ, ଧରୁଆବୁଢା, ବୁଢିମା ବାବୁରା ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ମନସ୍କାମନା ପୂର୍ଣ୍ଣ ପାଇଁ ଅଧିଆ ପଡିଥାନ୍ତି। ଯେଉଁମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଛି ସେମାନେ ବୋଦା, କୁକୁଡା, ପାରା ଆଦି ଆଣି ଦେବୀଠାରେ ବଳି ଦେଇଥାନ୍ତି । କୁମରାଙ୍କ ଘରୁ ଦେବୀଙ୍କ ପୂଜା ସାମଗ୍ରୀ ଆସିଲା ପରେ ଗାଦୀପୂଜା ଆରମ୍ଭ କରିଥାନ୍ତି। ପୂଜକ ମିଠସିଂ ନେତାମ, କୁମରା ରାଏସିଂ ନେତାମ, କୁମରା ଯୁବରାଜ ନେତାମ ପୂଜା ସମ୍ପାଦନା କରୁଛନ୍ତି। ସଭାପତି ଜୟପାଲ ନେତାମ, ଉପସଭାପତି ଭାଗରଥି ନେତାମ, ସମ୍ପାଦକ ଲାଲସିଂ ନେତାମ, ସହ ସମ୍ପାଦକ ପିଣ୍ଟୁ ନେତାମ, କୋଷାଧ୍ୟକ୍ଷ ବୁଧୁରାମ ନେତାମ ପ୍ରମୁଖ ପୂଜା ଆୟୋଜନ କରୁଛନ୍ତି। ଏହି ଗାଦୀଯାତ୍ରାରେ ନୂଆପଡା, ବଲାଙ୍ଗୀର, ବରଗଡ, କଳାହାଣ୍ଡି ଜିଲା ସମେତ ଛତିଶଗଡ ରାଜ୍ୟର ୪ ଶହରୁ ଉର୍ଦ୍ଧ୍ୱ ନେତାମ ପରିବାର ଯୋଗ ଦେଇଛନ୍ତି ।

**ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ**

ଭେଡ଼େନ (ହୃଷିକେଶ ଖମାରୀ): ଗୋଡ଼ଭଗା – ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥ ଖୁଣ୍ଟୁଲିପାଲି ନିକଟ ଡବା ନିକଟରେ ସୋମବାର ସନ୍ଧ୍ୟାରେ ଆହତ ହୋଇଥିବା ସ୍କୁଟି ଚାଳକଙ୍କ ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ଭିମସାର, ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଭେଡେନ ବ୍ଲକ ପାପପାଲି ଗ୍ରାମର ସନ୍ତୋଷ ପୋଡ। ସୋମବାର ଏକ ବାଇକ୍ ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ।

## ସଂକ୍ଷେପରେ

### ଆଜି ସମଲେଶ୍ୱରୀଙ୍କ ମହାସ୍ନାନ



**ବରଗଡ଼,୩୧।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା ସମଲେଶ୍ୱରୀଙ୍କ ମହାସ୍ନାନ ବୁଧବାର ଅନୁଷ୍ଠିତ ହେବ। ଏହି କ୍ରମରେ ଶୀତଳଧାରା ଅର୍ପଣ ପୂର୍ବକ ମହାଜଳାଭିଷେକ, ପ୍ରାତଃ ୪ଟା ୫୧ମିନିଟରୁ ଭକ୍ତମାନଙ୍କ ଦ୍ୱାରା ମାଙ୍କୁ ଶୀତଳଧାରା ଅର୍ପଣ, ସକାଳ ୭ଟା ୨୨ମିନିଟରୁ ଚଣ୍ଡୀହୋମ ଆରମ୍ଭ ଏବଂ ଦିନ ୧୨ଟା ୧୦ମିନିଟରେ ପୂର୍ଣ୍ଣାହୂତି ଓ ଆଶୀର୍ବାଦ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି।

### ୯୬ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଘଣ୍ଟାପଡ଼ା,୩୧।୩ (ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ବରଗାଁ ଗ୍ରାମପଞ୍ଚାୟତର ବରିଗୁଡା ଗ୍ରାମ ନିକଟରେ ସୋମବାର ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରିଗୁଡା ଗ୍ରାମର ଗଙ୍ଗାଧର କହଁର(୫୨) ଓ ହିମାଚଳ ମଲ୍ଲିକ (୨୧)। ଉଭୟଙ୍କଠାରୁ ୨ଟି ଜରି ବସ୍ତାରେ ୯୬ କେଜି ଗଞ୍ଜେଇ ଜବତ ହୋଇଛି। ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି।

### ୨୪ ପ୍ରହର ନାମଯଜ୍ଞ ଶୁଭାରମ୍ଭ

**ପଦ୍ମପୁର, ୩୧।୩(ପ୍ରଦୀପ୍ତ ଦାଶ):** ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ତଥା ଅଷ୍ଟ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପ୍ରଥମ ବାର୍ଷିକ ମହୋତ୍ସବ ଅବସରରେ ୨୪ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଉକ୍ତ ନାମଯଜ୍ଞରେ ଚନ୍ଦ୍ରଶେଖର ସାହୁ ଓ ତାଙ୍କ ସ୍ତ୍ରୀ ସସ୍ମିତା ସାହୁ ତଥା ସୁଶାନ୍ତ ପାଣ୍ଡେ ଓ ତାଙ୍କ ସ୍ତ୍ରୀ ରୁବିତା ପାଣ୍ଡେ ଯଜ୍ଞକର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୁରୀରୁ ତିନି ଠାକୁରଙ୍କ ପାଇଁ ଖଣ୍ଡୁଆ ପାଟ ଓ ଧ୍ୱଜ ଅଣାଯାଇ ଗଣନାଥ ମହାପାତ୍ର, ଚକ୍ରଧର ମହାପାତ୍ର, ଗୋପାଳକୃଷ୍ଣ ଦାଶ ଓ ସାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଗ୍ରାମର ସମସ୍ତ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୀର୍ତ୍ତନ୍ୟ ମଣ୍ଡଳୀ, କ୍ଲବ, ଫୁଟବଲ ଦଳ, କ୍ରିକେଟ ଦଳଙ୍କ ସହଯୋଗରେ ସୁଚାରୁରୂପେ ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏଣିକି ଆସନ୍ତା ସାତବର୍ଷ ଧରି ପ୍ରତିବର୍ଷ ନାମଯଜ୍ଞ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଝାରବନ୍ଧ,୩୧।୩(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ କିଶୋର କୁମାର ପଣ୍ଡା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ପରିଷଦ ବରଗଡ, ବିଡିଓ ପର୍ଶୁରାମ ପଣ୍ଡା, ଏଇଇ ନାଗାର୍ଜୁନ ପ୍ରଧାନ, ଏପିଓ ବେଲାଲ ସିଂ ସେନାପତି, ବିଏସଏ ଟଙ୍କଧର ସାହୁ ଯୋଗଦେଇ ସମସ୍ତ ଗ୍ରାମପଞ୍ଚାୟତରେ ଅକ୍ଟୋବର ୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ସାମାଜିକ ସମୀକ୍ଷା ପୂର୍ବକ ଶୁଣାଣି କରିଥିଲେ।

### ଆମ୍ବେଡକର ଜୟନ୍ତୀ ପ୍ରସ୍ତୁତି ବୈଠକ

**ବରଗଡ଼,୩୧। ୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଆମ୍ବେଡକର ପ୍ରତିମୂର୍ତ୍ତି କମିଟି ଦ୍ୱାରା ଆସନ୍ତା ଏପ୍ରିଲ ୧୪ ତାରିଖରେ ହେବାକୁ ଥିବା ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସିଭିଲ କୋର୍ଟ ସମ୍ମୁଖରେ ଥିବା ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ପରିସରରେ ବାବାସାହେବଙ୍କ ଜୟନ୍ତୀ ବହୁ ଆଡମ୍ବର ସହ ପାଳନ କରିବା ପାଇଁ ସମସ୍ତ ସଦସ୍ୟ ନିଜର ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ବରଗଡ଼ ଜିଲା ଗଣ୍ଡା ସମାଜର ସଭାପତି ଚୈତନ୍ୟ ପାଇକ, ସମ୍ପାଦକ ଧର୍ମରାଜ ବିଭାର, ବରିଷ୍ଠ ସଦସ୍ୟ ରାଧେଶ୍ୟମ ଭେଷ୍ରା, ପ୍ରହଲ୍ଲାଦ ଭେଷ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳିଛି ମାନଚିତ୍ର, ବାଟବଣା ବିକାଶ ପଥ

**ବରଗଡ଼,୩୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଗଠନକୁ ୩୩ବର୍ଷ ପୂରିଛି। ନୂତନ ଜିଲା ମାନ୍ୟତା ପାଇବା ପରେ ୧୯୯୩ ଅପ୍ରେଲ ୧ ତାରିଖ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ବରଗଡ଼ ଜିଲା ଉଦ୍‌ଘାଟନ କରିଥିଲେ। ବୁଧବାରରୁ ଜିଲା ୩୪ବର୍ଷରେ ପଦାର୍ପଣ କରିବ। ଇତିମଧ୍ୟରେ ରାଜ୍ୟରେ ସରକାର ବଦଳିବା ପରେ ଜିଲାରେ ମଧ୍ୟ ଜନ ପ୍ରତିନିଧି ବଦଳିଛନ୍ତି। ଜିଲାର ପଞ୍ଚାୟତ ସମିତି, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦଠାରୁ ଆରମ୍ଭ କରି ଜିଲା ପରିଷଦ ପର୍ଯ୍ୟନ୍ତ ଶାସନ ବିଭିନ୍ନ ରାଜନୈତିକ ଦଳ ହାତକୁ ଯାଇଛି। ସେହିପରି ଏହି ଅବଧି ମଧ୍ୟରେ ଜିଲାରେ ୨୮ଜଣ ଜିଲାପାଳ ଏବଂ ୩୨ଜଣ ଏସ୍‌ପି କାର୍ଯ୍ୟ କରିଛନ୍ତି। ପଞ୍ଚାୟତ, ପୌରାଞ୍ଚଳ, ଥାନା ସଂଖ୍ୟା ବଢ଼ିଛି। କିନ୍ତୁ ବିକାଶ କିମ୍ବା ଆଇନଶୃଙ୍ଖଳା କ୍ଷେତ୍ରରେ ସେଭଳି କିଛି ନୂତନତ୍ୱ ଆସି ନାହିଁ। ଅନ୍ୟପଟେ ବିକାଶ ପଛେଇ ଯାଇଥିବାବେଳେ ଶାନ୍ତିପୂର୍ଣ୍ଣ ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ସଙ୍ଗୀନ ହେବାରେ ଲାଗିଛି। ଜିଲା ଗଠନ ପରେ ଜିଲାର ମାନଚିତ୍ର ବଦଳିଛି ସତ, କିନ୍ତୁ ଜିଲାର ବିକାଶପଥ ଆଗେଇବା ବଦଳରେ ପଛମୁହାଁ ହୋଇଯାଇଛି।

ଜିଲା ଗଠନର ପୂର୍ବ ଓ ପରସ୍ଥିତିକୁ ଅନୁଧ୍ୟାନ କଲେ ଜିଲାର ଶିକ୍ଷା ବ୍ୟବସ୍ଥା କେଉଁଆଡ଼କୁ ମୁହାଁଉଛି, ତାହା ବାରି ହୋଇ ପଡୁଛି। ଜିଲା ଗଠନ ପରେ ଏଠାରେ




ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ ଉଦ୍‌ଘାଟନ କରିଥିବା ବରଗଡ଼ ସମବାୟ ଚିନି କାରଖାନାର ଉଦ୍‌ଘାଟନୀ ଫଳକ।

ଅନେକ ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି ସତ। ମାତ୍ର କେଉଁଠି ଶ୍ରେଣୀ କୋଠରୀ ତ ଆଉ କେଉଁଠାରେ ଶିକ୍ଷକ ଅଭାବ ସାଧାରଣରେ ପରିଣତ ହୋଇଯାଇଛି। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ଯୋଗୁ ଅନେକ ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଏପରିକି ପରୀକ୍ଷାଫଳକୁ ଅନୁଧ୍ୟାନ କଲେ ସରକାରୀ ସ୍କୁଲ ତୁଳନାରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ବହୁ ଆଗରେ ରହୁଛନ୍ତି।

ସ୍ୱାସ୍ଥ୍ୟ ବ୍ୟବସ୍ଥା କଥା କହିଲେ ନ ସରେ। ଡାକ୍ତରଖାନା ଗୁଡ଼ିକ ଗଢ଼ି ଉଠିଛି। ହେଲେ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଫଳରେ ଜିଲାବାସୀ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ପାଇ ପାରୁ ନାହାନ୍ତି ଏବଂ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରି ଖର୍ଚ୍ଚାନ୍ତରେ ପଡୁଛନ୍ତି। ନିକଟ ଅତୀତରେ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଡବୋର୍ଡ଼ରେ ହାଡ଼ଭଙ୍ଗା ରୋଗୀଙ୍କ ଚିକିତ୍ସା ଏବଂ ବିଭିନ୍ନ ସମୟରେ ମୋବାଇଲ ଟର୍ଚ୍ଚରେ ଚିକିତ୍ସାରୁ ଜିଲାରେ ଲୋକେ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି, ତାହା ସହଜରେ ଅନୁମେୟ। କ୍ୟାନସର ରୋଗୀ ସଂଖ୍ୟାରେ ବରଗଡ଼ ଅନ୍ୟଜିଲା ତୁଳନାରେ ବହୁ ଆଗରେ ରହିଛି। ଏଠାରେ ଏକ କ୍ୟାନସର ହସ୍ପିଟାଲ କରିଛି। ମାତ୍ର ଆବଶ୍ୟକ ଡାକ୍ତର କିମ୍ବା ଆନୁସଙ୍ଗିକ ବ୍ୟବସ୍ଥା ନଥିବାରୁ ତାହା ନଥିଲା ଭଳି ପଡ଼ି ରହିଛି।

କୃଷି କ୍ଷେତ୍ରରେ ସମସ୍ୟା ଆହୁରି ଅଧିକ। ଜିଲାର ଚାଷୀମାନେ ସବୁବେଳେ ଧାନବିକ୍ରିଠାରୁ ଆରମ୍ଭ କରି ସାର, କୀଟନାଶକ ଅଭାବ ଓ କଳାବଜାର, ଫସଲବୀମା ଆଦି ସମସ୍ୟାରେ ଛନ୍ଦି ହୋଇ ପଡୁଛନ୍ତି। ମାତ୍ର ତାହା ଅସମାହିତ ହୋଇ ରହି ଯାଇଛି। ଏଭଳି ଧାନବିକ୍ରି ସମସ୍ୟା ନେଇ ଏବେ ମଧ୍ୟ ଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା ଜାରି ରହିଛି। ଜଳସେଚନ ବ୍ୟବସ୍ଥାରେ ମଧ୍ୟ ଆଶାନୁରୂପ ସୁଧାର ଆସି ନାହିଁ। ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ବୋଲି ଚାଷୀମାନେ କହୁଛନ୍ତି। ସେହିପରି ପାନୀୟଜଳ ସମସ୍ୟା ଦିନକୁ ଦିନ ଅଧିକ ଉତ୍କଟ ହେବାରେ ଲାଗିଛି। ବରଗାଁରେ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ଖୋଲାଯାଇଛି। ବରଗଡ଼ ସହରକୁ ତାହା ପାନୀୟଜଳ ଯୋଗାଉଛି। କିନ୍ତୁ ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ପୂର୍ବକାଳରୁ ରହିଥିବା ପୋଖରୀ, ପୁଷ୍କରିଣୀ ଆଦି ଜଳାଶୟ ଗୁଡ଼ିକ ରକ୍ଷଣାବେକ୍ଷଣର ଅଭାବ ଏବଂ ଜବରଦଖଲ ଯୋଗୁ ଲୋପ ପାଇ ଯାଉଛି।

**ଜିଲା ଗଠନକୁ ପୂରିଲା ୩୩ବର୍ଷ**

ଜିଲାରେ ରହିଥିବା ବରଗଡ଼ ସମବାୟ ସୂତାକଳ, ଚିନିକଳ, ଶ୍ୟାମଳା ସାର କାରଖାନା, ରାମନଗର ପାୱାର ଲୁମ୍, ସଲଭେଣ୍ଟ ଏକ୍ସଟ୍ରାକ୍ସନ ପ୍ଲାଣ୍ଟ(ବାଦାମ ତେଲ କାରଖାନା) ସମେତ ଅନେକ ଶିଳ୍ପାନୁଷ୍ଠାନ ଅସ୍ତିତ୍ୱ ହରାଇ ସାରିଛି। ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ସତପଥୀ ୧୯୭୪ ମାର୍ଚ୍ଚ ୨୪ତାରିଖରେ ବରଗଡ଼ ସମବାୟ ଚିନି କାରଖାନା ଲିମିଟେଡ୍‌କୁ ଉଦ୍‌ଘାଟନ କରିଥିଲେ। ଜିଲାର ଅନେକ ଆଖୁଚାଷୀ ଏଥିରେ ଉପକୃତ ହେଉଥିବାବେଳେ ସ୍ଥାନୀୟ ଶ୍ରମିକଙ୍କୁ ରୋଜଗାର ମଧ୍ୟ ମିଳୁଥିଲା। କିନ୍ତୁ କାଳକ୍ରମେ ସରକାର ବଦଳିବା ପରେ ଉକ୍ତ କାରଖାନା ପ୍ରତି ଅଣଦେଖା କରାଯାଇଥିଲା ଏବଂ ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ବନ୍ଦ ହୋଇ ପଡ଼ି ରହିଛି। ଫଳରେ ଜିଲାର ଚାଷୀମାନେ ଆଖୁଚାଷ ପ୍ରତି ମୁହଁ ଫେରାଇ ଦେଇଥିବାବେଳେ ଲୋକେ ନିଯୁକ୍ତି, ରୋଜଗାର ମଧ୍ୟ ହରାଇଛନ୍ତି। ଏଭଳି ସ୍ଥିତିରେ ରୋଜଗାର, ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଜିଲାର ଲୋକଙ୍କୁ ବାହ୍ୟ ଜିଲା କିମ୍ବା ବାହ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏହି କ୍ରମରେ ଜିଲାରେ ପ୍ରବାସୀ(ଦାଦନ ଶ୍ରମିକ)ଙ୍କ ସଂଖ୍ୟା ଏବେ ବି କମି ନାହିଁ। ଅନ୍ୟପଟେ ଜିଲାର ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାରେ ଇଥାନଲ ପ୍ଲାଣ୍ଟ ଖୋଲିଥିଲେ ମଧ୍ୟ ସେଠାରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଅମ୍ବାଭୋନା ବ୍ଲକ ଡୁଙ୍ଗୁରୀ ଚୂନପଥର ଖଣି ବନ୍ଦ ହୋଇଥିବାବେଳେ ବରଗଡ଼ ବରଡ଼ୋଲଠାରେ ରହିଥିବା ସିମେଣ୍ଟ କାରଖାନାର ସ୍ଥାୟୀତ୍ୱ ନେଇ ଆଶଙ୍କା ଉପୁଜିଛି।

## ଗଞ୍ଜେଇ ଜବତ ଘଟଣା, ୨ ଗିରଫ

**ପାଇକମାଳ, ୩୧।୩(ବଢ଼ ଶତପଥୀ):** ଗତ ଫେବୃଆରୀ ୨୮ରେ ପାଇକମାଳ ପୋଲିସ ଝାରମୁଣ୍ଡା ବିଜୁ ଏକ୍ସପ୍ରେସ୍ ୱେ ଛକ ନିକଟରେ ଚେକିଂ କରୁଥିବା ସମୟରେ ଏକ ବାଇକ୍‌ରୁ ୭ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ପାଇକମାଳ ଥାନା ଚେରେଙ୍ଗାଝାଞ୍ଜର ହରି ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ମଙ୍ଗଳବାର ଫେରାର ଥିବା ଅଭିଯୁକ୍ତ ଖପ୍ରାଖୋଲ ହସ୍ପିଟାଲ ପଡ଼ାର ଦିଲୀପ ଚନ୍ଦନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଘଟଣା ଦିନ ହରି ଓ ଦିଲୀପ ଏକ ବାଇକ୍‌ରେ ଆସୁଥିଲେ। ପୋଲିସକୁ ଦେଖି ପଛରେ ବସିଥିବା ଦିଲୀପ ଫେରାର ହୋଇଯାଇଥିଲେ। ବାଇକ୍ ଚଳାଉଥିବାରୁ ହରି ଧରାପଡ଼ିଯାଇଥିଲେ। ପୋଲିସ ଉକ୍ତ ବାଇକ୍‌କୁ ଯାଞ୍ଚ କରିବାରୁ ଏକ ପ୍ୟାକେଟ୍‌ରେ ୭ କେଜି ଗଞ୍ଜେଇ ଓ ନଗଦ ୫୮୦ ଟଙ୍କା ଜବତ କରିଥିଲା। ତେବେ ଫେରାର ଦିଲୀପଙ୍କୁ ପୋଲିସ ଭୁଲିଆବନ୍ଧଠାରେ ଗିରଫ କରିଥିବା ବେଳେ ଉକ୍ତ ଘଟଣାରେ ଚେରେଙ୍ଗାଝାଞ୍ଜର ଲଳିତ ମାଝୀ ମଧ୍ୟ ସଂପୃକ୍ତ ଥିବା ଜଣାପଡ଼ିଥିଲା। ଲଳିତଙ୍କୁ ଚେରେଙ୍ଗାଝାଞ୍ଜ ଛକ ନିକଟରେ ଗିରଫ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଦୁହିଙ୍କ ନାମରେ ପାଇକମାଳ ଥାନାରେ ମାମଲା (ନଂ.୪୬/୨୬) ରୁଜୁ କରାଯାଇଛି ବୋଲି ପାଇକମାଳ ଥାନା ଓଆଇସି କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ନାଟକ କେବଳ ମନୋରଞ୍ଜନ ନୁହେଁ

**ପଦ୍ମପୁର,୩୧।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବିଶ୍ୱ ନାଟ୍ୟ ଦିବସ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ନାଟ୍ୟକାର କେଶରଞ୍ଜନ ପ୍ରଧାନ ଯୋଗଦେଇ ନାଟକ କେବଳ ମନୋରଞ୍ଜନ ନୁହେଁ ବରଂ ଜୀବନକୁ ଉପଭୋଗ କରିବାର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଅଶୋକ କୁମାର ବହିଦାର ଯୋଗଦେଇ ବିଶ୍ୱ ନାଟ୍ୟ ପ୍ରେକ୍ଷାପଟ୍ଟରେ ବୋଡାସମ୍ବର ଅଞ୍ଚଳର ନାଟକ ଇତିହାସ ଓ ଏହାର ସମୃଦ୍ଧ ପରମ୍ପରା ଉପରେ ଆଲୋକପାତ କରିଥିଲେ। ନାଟ୍ୟ ସଂସଦର ସହ ଉପ-




ଅତିଥିଙ୍କ ଗହଣରେ ନାଟ୍ୟକାର କେଶରଞ୍ଜନ ଉଦ୍‌ବୋଧନ ଦେଉଛନ୍ତି।

ସଭାପତି ଅଧ୍ୟାପିକା ବୁନି ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଦୟାନିଧି ବଗର୍ତ୍ତୀ ବିଶ୍ୱ ନାଟ୍ୟ ଦିବସର ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ସଭା ଶେଷରେ ମୁଖ୍ୟ ଆକର୍ଷଣ ଭାବେ ସୌମ୍ୟରଞ୍ଜନ ନାଏକଙ୍କ ରଚିତ ଓ ଡ. ସରୋଜ କୁମାର ନାଏକଙ୍କ ନିର୍ଦ୍ଦେଶିତ ନାଟକ 'ମିଠୁର୍ କଥା' ମଞ୍ଚସ୍ଥ ହୋଇଥିଲା। ଏହି ନାଟକଟି ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରମାନଙ୍କ ଦ୍ୱାରା ଅତି ଚିତ୍ତାକର୍ଷକ ଭାବେ ଅଭିନୀତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣ-ଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

### ରୋଷେଇ ବଗିଚା ଉପରେ ଦକ୍ଷତା ଗଠନ ପ୍ରଶିକ୍ଷଣ ଶିବିର

**ପଦ୍ମପୁର,୩୧।୩ (ପ୍ରଦୀପ୍ତ ଦାଶ) :** ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କେର୍ମେଲାବାହାଲରେ 'ରୋଷେଇ ବଗିଚା ଉପରେ ଦକ୍ଷତା ଗଠନ ପ୍ରଶିକ୍ଷଣ' ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଉଦ୍ୟାନ କୃଷି ବିଭାଗ ପଦ୍ମପୁରର ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମ୍ଭାର ଓ ତ୍ରିରଙ୍ଗା ଏନଜିଓର ଜୈବିକ କୃଷିର ସିଆର୍‌ପି ନନ୍ଦଲାଲ ପଟେଲ ଜୈବିକ କୃଷି, ଉଦ୍ୟାନ କୃଷି ରୋଷେଇ ବଗିଚାର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଉଦଯାପନୀ ସମାରୋହରେ ପାଇକମାଳର ଅତିରିକ୍ତ ତହସିଲଦାର ହରି ସିଂ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଲୋହିତ କୁମାର ସାହା ଧନ୍ୟବାଦ ଅର୍ପଣ କରିଥିଲେ।

## ରବୀନ୍ଦ୍ର ସଭାପତି, ବିକ୍ରମ ସମ୍ପାଦକ

### ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

**ସୋହେଲା, ୩୧।୩(ଅଶ୍ୱିନୀ କୁମାର ପାତ୍ର)**





ସୋହେଲାରେ ୨୦୨୬ ବର୍ଷ ପାଇଁ ସୋହେଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବରେ ରବୀନ୍ଦ୍ର ନାଥ ସାହୁ, ଉପ ସଭାପତି ଭାବରେ ସୁନୀଲ କୁମାର ଅଗ୍ରୱାଲ, ସମ୍ପାଦକ ଭାବରେ ବିକ୍ରମ କେଶରୀ ପଧାନ, ଯୁଗ୍ମ ସମ୍ପାଦକ ଭାବରେ ବିକାଶ ଚନ୍ଦ୍ର ଭୋଇ ଏବଂ କୋଷାଧ୍ୟକ୍ଷ ଭାବରେ ରୁଦ୍ରଦାଶ ମେହେର ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିକୁ ହାରାଧନ ବାଞ୍ଜି, ବିନାୟକ ମିଶ୍ର, ମିର୍ଜା ଆକବର ବେଗ, ପ୍ରଫୁଲ୍ଲ କୁମାର ମିଶ୍ର ଓ ଜୟନ୍ତ କୁମାର ପାତ୍ର ନିର୍ବାଚିତ ହୋଇଛନ୍ତି। ସଂଘକୁ ନିର୍ବାଚିତ ହୋଇଥିବା ସମସ୍ତ କର୍ମକର୍ତ୍ତା ମନୋନୟନ ପତ୍ର ଦାଖଲ କରିଥିଲେ। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ରାଜ କିଶୋର ମହାପାତ୍ର ପରିଚାଳନା କରିଥିଲେ।

## ୨ ଦିନିଆ ପରିମଳ ସଚେତନତା କର୍ମଶାଳା

**ପାଇକମାଳ,୩୧।୩(ବଢ଼ ଶତପଥୀ)**

ପାଇକମାଳ ଗୋଷ୍ଠୀ ସାଧନ କେନ୍ଦ୍ର ସଭା ଗୃହଠାରେ ବ୍ଲକର ୧୦୦ଟି ବିଦ୍ୟାଳୟକୁ ନେଇ ଦୁଇଦିନିଆ ପରିମଳ ସଚେତନତା କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅମର ଜ୍ୟୋତି ଫାଉଣ୍ଡେଶନର ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ସୁଧାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ. ହଳଧର ନାଗ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଚକାମନ ସୁନା ଏବଂ ଦୁବରାଜ ବେସରା ପ୍ରମୁଖ ଯୋଗଦେଇ



ଶିକ୍ଷାର୍ଥୀଙ୍କ ମଧ୍ୟରେ ସ୍ୱଚ୍ଛତା ଅଭ୍ୟାସ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିସରକୁ କିପରି ନିର୍ମଳ ରଖାଯିବ ଏବଂ ଛାତ୍ରୀଛାତ୍ରମାନଙ୍କୁ ପରିମଳ ସଚେତନତା ମାଧ୍ୟମରେ ରୋଗମୁକ୍ତ ରଖାଯାଇପାରିବ, ବିଭିନ୍ନ ଖେଳ, ଷ୍ଟେମ କିଟ, ପଜଲ କିଟ, ଗପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ପ୍ରତି ଆକୃଷ୍ଟ କରିବା ସହିତ ହାତ ଧୋଇବା, ଶୌଚାଳୟକୁ ସଫା ରଖିବା ଭଳି ବିଭିନ୍ନ ବିଷୟ ନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମଙ୍ଗଳବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏବିଇଓ ରାଧେଶ୍ୟାମ ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଜ ପଟ୍ଟନାୟକ ଯୋଗଦେଇଥିଲେ।

### ବନାବିରାରେ ଷୋହଳ ପ୍ରହର ନାମଯଜ୍ଞ

**ସୋହେଲା,୩୧।୩(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ଥାନା ଅନ୍ତର୍ଗତ ବନାବିରା ଗ୍ରାମରେ ଷୋହଳ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ଶୁକ୍ରବାର ଗ୍ରାମର ମହିଳାମାନେ ଏକ ଶୋଭାଯାତ୍ରାରେ ଯାଇ ମଝି ବନ୍ଧ ପୋଖରୀରୁ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ରୂପେ ଗ୍ରାମର ଗୌନ୍ତିଆ ସୁଶୀଲ ପଧାନ ସପତ୍ନୀକ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ଗ୍ରାମର ପୁରୋହିତ ପଣ୍ଡିତ ବିଶ୍ୱ କେତନ ଦେବତାଙ୍କ ପୌରିହିତ୍ୟରେ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଗ୍ରାମର ପାଞ୍ଚ ଗୋଟି ସଂକୀର୍ତ୍ତନ୍ୟ ଦଳ ସହିତ ଜଣା ଶୁଣା ସଂକୀର୍ତ୍ତନ୍ୟ ଗାୟିକା ଅଞ୍ଜନା ଦେହୁରୀ, କୁମାରୀ ଶ୍ରେୟା ରାଣୀ ତ୍ରିପାଠୀ, କସ୍ତୁରୀ କିଷାନ, କୁମାରୀ ସରିତା ଏଂ ନିକିତା ବେହେରା,ଭେଙ୍କଟ ଦାସ ଏବଂ ଗୋପାଳ ସେଠ ନିଜ ନିଜର ସଂକୀର୍ତ୍ତନ୍ୟ ଦଳ ସହିତ ଅଖଣ୍ଡ ହରି ନାମ ଗାୟନ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ




ମଞ୍ଚାସୀନ ଅତିଥି।

**ଅତାବିରା/ଗୋଡ଼ଭଗା ୩୧।୩ (ଯୁଧିଷ୍ଠିର ମହାପାତ୍ର /ସୁରେଶ ଦାଶ )**

ଅତାବିରା ବ୍ଲକ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମନ୍ଦିର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାଇବର ଅପରାଧ ସମ୍ପର୍କରେ ଅତାବିରା ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ବୁଝାଇଥିଲେ। ସାଇବର ସୁରକ୍ଷା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ପରେ ସଂଘର ସଭାପତି ଭରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କେରକେଟା ମୁଖ୍ୟ ଅତିଥି, ସାମାଜିକର୍ମୀ ତଥା ବରଗଡ଼ ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣ, ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି କେଦାରନାଥ ମିଶ୍ର, ଜିଲା ସମ୍ପାଦକ ଗୋବିନ୍ଦ ଦାଶ, ସ୍ଥାନୀୟ ସଂଘର ସମ୍ପାଦକ ରଘୁନାଥ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରବୀଣ ସଂଗଠକ ରୂପେ ଅମୂଲ୍ୟ କୁମାର ପତି, ଶିକ୍ଷାବିତ ଭୋଜରାଜ ସ୍ୱାଇଁ, ବ୍ରଜକିଶୋର ଦାଶ ଏବଂ ବରିଷ୍ଠ ନାଗରିକ ଭାବେ ବାଲେଶ୍ୱର ସାହୁ(୯୦ ବର୍ଷ) ପ୍ରମୁଖଙ୍କ ପାଦ ଧୌତ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ ସହିତ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ନାଟକ ସୀତା ଚୋରି ପରିବେଷିତ

**ବୌଦ୍ଧ ରାମଲୀଳା ଉତ୍ସବର ପଞ୍ଚମ ଦିବସ**

**ବୌଦ୍ଧ,୩୧।୩( ଅଜିତ କୁମାର ବାରିକ)**

ବୌଦ୍ଧର ଐତିହାସିକ ରାମଲୀଳା ଯାତ୍ରା ମହୋତ୍ସବ ମଙ୍ଗଳବାର ପଞ୍ଚମ ଦିବସରେ ପହଞ୍ଚିଛି। ଲଙ୍କାପତି ରାବଣର ଭଉଣୀ ସୂର୍ପଣଖା ଲକ୍ଷ୍ମଣଙ୍କୁ ବିବାହ କରିବାକୁ ବାଧ୍ୟ କରିବାରୁ କ୍ରୋଧରେ ଲକ୍ଷ୍ମଣ ତାର ନାସା, କର୍ଣ୍ଣ ଛେଦନ କରିଛନ୍ତି। ପରେ ଶ୍ରୀରାମ ଓ ଲକ୍ଷ୍ମଣ ଖର, ଦୂଷଣ, ତ୍ରିଶିରା ଭଳି ରାକ୍ଷସଙ୍କୁ ବଧ କରିଥିଲେ। ଭଉଣୀ ସୂର୍ପଣଖାର ନାକ କାଟିବା ଘଟଣା ଜାଣିବା ପରେ ଲଙ୍କାପତି ରାବଣ ସୀତାଙ୍କୁ ହରଣ ପାଇଁ ଯୋଜନା କରିଥିଲା । ରାକ୍ଷସ ମାରିଚକୁ ସୁନା ହରିଣ ରୂପରେ



ପରିବେଷିତ ନାଟକର ଏକ ଦୃଶ୍ୟ ।

ପ୍ରେରଣ କରି ରାବଣ ବ୍ୟୁହ ରଚନା କରିଥିଲା। ମାତା ସୀତାଙ୍କ ଇଚ୍ଛା ପୂରଣ କରିବାକୁ ସୁନା ହରିଣ ପଛରେ ଶ୍ରୀରାମ ଯିବା ପରେ ଯୋଜନା ମୁତାବକ ଶରବିଧ ହୋଇ ମାରିଚ ଲକ୍ଷ୍ମଣଙ୍କ ନାମ ଧରି ଆହ୍ୱାନ କରିଥିଲା। ସୀତା ବ୍ୟସ୍ତ ହୋଇ ଲକ୍ଷ୍ମଣଙ୍କୁ ଭାଇର ସହାୟତା ପାଇଁ ପଠାଇବା ପରେ ଲଙ୍କାପତି ରାବଣ ଏକ ଭିକ୍ଷୁକ ବ୍ରାହ୍ମଣ ବେଶରେ ସୀତାଙ୍କୁ ହରଣ କରି ପୁଷ୍ପକ ବିମାନରେ ଲଙ୍କାପୁରୀକୁ ନେଇଯାଇଥିଲା। ଯିବା ରାସ୍ତାରେ ଜଟାୟୁ ସହିତ ରାବଣର ଯୁଦ୍ଧ, ଜଟାୟୁର ପକ୍ଷ ଛେଦନ ଓ ରାମ ଲକ୍ଷ୍ମଣଙ୍କୁ ଜଡାୟୁ ଦ୍ୱାରା ସୀତା ହରଣ ସୂଚନା ପର୍ଯ୍ୟନ୍ତ ଦୃଶ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚନା ଓ ଭବାନୀ ଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ଚରିତ୍ର ଗୁଡିକୁ ପ୍ରଦର୍ଶନ କରିଥିଲେ। ପଞ୍ଚମ ଦିବସରେ ନିର୍ବାକ ନୃତ୍ୟ ନାଟିକା ଲକ୍ଷେହୀରା ପରିବେଷିତ ହୋଇଥିଲା।

## ଶିକ୍ଷା ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ସୋହେଲା, ୩୧।୩(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଶିକ୍ଷା ବିଭାଗରେ ଅନ୍ତିମ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ମିଶ୍ର ଓ ବିଭାଗୀୟ ମୁଖ୍ୟ ଡ଼ଃ ରମେଶ ଚନ୍ଦ୍ର ସୁପକାର ସରସ୍ୱତୀଙ୍କ ପ୍ରତିମାରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସୋହେଲା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା ଚିକିତ୍ସକ ଡା. ଶିଶିର କୁମାର ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ସୁପକାର ଯୁକ୍ତ ତିନି ଅନ୍ତିମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସମାଜର କଲ୍ୟାଣ ଦିଗରେ ବ୍ରତୀ ହେବାପାଇଁ ଉଦ୍‌ବୋଧନ ଦେଇଥିଲେ। ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ରାଜପଥରେ ଟ୍ରକ୍ ବ୍ରେକ୍‌ଡାଉନ

**ବୀରମିତ୍ରପୁର ସହରର ଉଭୟ ପାର୍ଶ୍ୱରେ ରାସ୍ତା ଜାମ**

**କୁଆଁରମୁଣ୍ଡା,୩୧।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ସହର ମଧ ଦେଇ ଯାଇଥିବା ଆନ୍ତଃରାଜ୍ୟ ରାଜପଥ ନମ୍ବର ୧୪୩ ସଂକୀର୍ଣ୍ଣ ହୋଇଥିବାରୁ ସହରବାସୀ ପ୍ରତ୍ୟେକ ଦିନ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜପଥ ସଂକୀର୍ଣ୍ଣ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ଏ ନେଇ ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକାଧିକବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏଥିରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ରାଜପଥରେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ମଙ୍ଗଳବାର ବୀରମିତ୍ରପୁର ସହର ଭଞ୍ଜଭବନ ନିକଟରେ ଅପରାହ୍ନ ୫ଟାରେ ଏକ ଟ୍ରକ୍ ବ୍ରେକ୍‌ଡାଉନ ହୋଇଛି। ୧୪୩ ନମ୍ବର ଜାତୀୟ ରାଜପଥ ଏଠାରେ ଅଣ ଓସାରିଆ ହୋଇଥିବାରୁ ଗୋଟିଏ ପାର୍ଶ୍ୱ ପୁରା ଜାମ ରହିଛି। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବିଶେଷ କରି ଓଡ଼ିଶା -ଝାଡ଼ଖଣ୍ଡ ସୀମାନ୍ତ ଫାଟକରୁ ଆରମ୍ଭ କରି ବୀରମିତ୍ରପୁର ପୌରାଞ୍ଚଳର ତଳସରା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଗାଡ଼ିଗୁଡିକର ଲମ୍ବା ଲାଇନ ଲାଗିଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ବ୍ରେକ୍‌ଡାଉନ ହୋଇଥିବା ଗାଡ଼ିର ଅପର ପାର୍ଶ୍ୱରେ ଗୋଟିଏ ଗୋଟିଏ ଗାଡ଼ିକୁ ଛାଡୁଛି। ଏଥିଯୋଗୁ ଆନ୍ତଃରାଜ୍ୟ ଯାତ୍ରୀବାହୀ ବସ ବିଶେଷ ପ୍ରଭାବିତ ହେବା ସହ ଯାତ୍ରୀମାନେ ନାହିଁ ନ ଥିବା ହିନସ୍ତା ହେଉଛନ୍ତି।

### ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ସାମୁଦାୟିକ କଲ୍ୟାଣ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର) ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଆର୍‌ଏସ୍‌ପି ପକ୍ଷରୁ ସେକ୍ଟର-୧୮ସ୍ଥିତ ହୋମ୍ ଆଣ୍ଡ୍ ହୋପ୍‌ରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆଇଜିଏଚ୍ ସହାୟତାରେ ସିଏସ୍ଆର ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ହୋମ୍ ଆଣ୍ଡ୍ ହୋପ୍‌ର ବୌଦ୍ଧିକ ରୂପେ ଦିବ୍ୟାଙ୍ଗ ଛାତ୍ର, ସେକ୍ଟର-୭ର ରୋଟାରୀ କ୍ଲବ୍ ଦ୍ୱାରା ପରିଚାଳିତ ଡମ୍ବ୍ ଆଣ୍ଡ୍ ଡେଫ୍ ସ୍କୁଲର ଛାତ୍ର ଏବଂ ଫର୍ଟିଲାଇଜର ଟାଉନଶିପ୍‌ରେ ଥିବା ଆଶା- ଏ ସ୍କୁଲ୍ ଫର୍ ଦି ଡିଫରେଣ୍ଟଲି ଏବଲ ଛାତ୍ରଙ୍କ ସମେତ ୧୫୦ରୁ ଅଧିକ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ଆଇଜିଏଚ୍‌ର ଡାକ୍ତରୀ ଦଳ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସିଏମଓ (ମେଡିକାଲ୍ ଏବଂ ସ୍ୱାସ୍ଥ୍ୟ ସେବା) ଡକ୍ଟର ପ୍ରତିଭା ଷଡ଼ଙ୍ଗୀ, ଜିଏମ୍ ଇନ୍‌ଚାର୍ଜ (ସିଏସ୍ଆର) ସୁଶ୍ରୀ ମୁନମୁନ୍ ମିତ୍ର, ଡିଜିଏମ୍ (ସିଏସ୍ଆର) ପି. ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର (ସିଏସ୍ଆର) ଏସ୍. କେ. ସୁକୁଲା, ଏସ୍‌ଓ (ସିଏସ୍ଆର) ବି. ଏକ୍କା ଏବଂ ଜାହିଦ୍ ଅଖତର ଶିବିର ପରିଚାଳନା କରିଥିଲେ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

**ରାଉରକେଲା,୩୧।୩(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ସେକ୍ଟର-୨୧ କଂଗ୍ରେସ ଭବନ ପଛପାର୍ଶ୍ୱରେ କିଛି ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରିଛି। ଚଢାଉ ବେଳେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାବଜାରର ଦିପ୍ତୀରଞ୍ଜନ ପଟ୍ଟନାୟକ(୩୦), କିଶୋର ରାଣା(୩୦), ମହତାବ ରୋଡ୍‌ର ଆଦିତ୍ୟ ସାହୁ(୨୧), ଟାଙ୍ଗରପାଲୀର ସୁଶୀଲ ହୋ(୨୪) ଓ ଗୋପବନ୍ଧୁପାଲୀର ରାକେଶ ସିଂହ(୨୭)। ସେମାନଙ୍କ ନିକଟରୁ ୨ଟି ଲୁହାରଡ୍, ଭୁଜାଲି ଓ ୨ଟି ଖଣ୍ଡା ଜବତ ହୋଇଛି। ଆଦିତ୍ୟଙ୍କ ବିରୋଧରେ ୭ଟି, ସୁଶୀଲଙ୍କ ବିରୋଧରେ ୧୪ଟି, କିଶୋରଙ୍କ ୮ଟି, ଦିପ୍ତୀଙ୍କ ବିରୋଧରେ ଗୋଟିଏ ଏବଂ ରାକେଶଙ୍କ ନାଁରେ ଗୋଟିଏ ଆପରାଧିକ ମାମଲା ରହିଛି। ଉକ୍ତ ଅଭିଯୁକ୍ତମାନେ ବିଭିନ୍ନ ଦୋକାନ, ଘର, ପେଟ୍ରୋଲ ପମ୍ପ ଆଦିରୁ ଡକାୟତି କରିବାକୁ ଯୋଜନା କରୁଥିଲେ। ପାଟ୍ରୋଲିଂ ବେଳେ ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା(ନଂ.୩୫୬/୨୬) ରୁଜୁ କରି ମଙ୍ଗଳବାର ଅପରାହ୍ନ ୧ଟାରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ଟାଇଁସର ଗ୍ରାମରେ ସ୍ୱଚ୍ଛତା ଅଭିଯାନ



ସ୍ୱଚ୍ଛତା ଉପରେ ପଥପ୍ରାନ୍ତ ନାଟକ ପରିବେଷଣ।

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ଆରଏସପି ପକ୍ଷରୁ ଲାଠିକଟା ବ୍ଲକ ଅନ୍ତର୍ଗତ ଟାଇଁସର ଅଞ୍ଚଳରେ ସ୍ୱଚ୍ଛତା ଏବଂ ପରିମଳ ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ଗ୍ରାମସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏସ୍ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍ଆର ବିଭାଗର ଜିଏମ୍ ବିଭାବସୁ ମଲିକ୍, ଡିଜିଏମ ଆର. ଏସ. ବାରା, ଡିଜିଏମ୍ ପି. ସାହୁ, ଡେପୁଟି ମ୍ୟାନେଜର ଏସ୍. କେ. ସୁକୁଲା ଏବଂ ସିଏସ୍ଆର ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଆଇଜିଏଚ୍‌ର କ୍ଲିନିକାଲ୍ ସାଇକୋଲୋଜିଷ୍ଟ ସୁଶ୍ରୀ ସନ୍ଧ୍ୟାରାଣୀ ଦାଶ ଏବଂ ସଂକ୍ରମଣ ନିୟନ୍ତ୍ରଣ ସେବିକା ସୁଶ୍ରୀ ରାହିଲ୍ ଟପ୍ପୋଙ୍କ ସହ ଏକ ସ୍ୱତନ୍ତ୍ର ଦଳ ଉପସ୍ଥିତ ଥିଲା। କାର୍ଯ୍ୟକ୍ରମରେ ସ୍ୱଚ୍ଛତା ବିଷୟବସ୍ତୁ ଆଧାରିତ ଏକ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ଆର୍. ଏସ୍. ବାରା ଧନ୍ୟବାଦ ଅର୍ପଣ କରିଥିଲେ।





ରାଜସ୍ଥାନ ଦିବସ ପାଳନ ଅବସରରେ ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ରାଜସ୍ଥାନ ଦିବସ ପାଳିତ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଜସ୍ଥାନ ଦିବସ ଅବସରରେ ରାଜସ୍ଥାନ ପରିଷଦ ପକ୍ଷରୁ ମଙ୍ଗଳବାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଯାଇଛି। ରାଜସ୍ଥାନ ପରିଷଦର ଅମର ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ଥାନ ପରିଷଦର ପୃଷ୍ଠପୋଷକ ଗୋପାଳ ବାଗାଡିଆ, ହରିୟାଣା ନାଗରିକ ସଂଘ ସଭାପତି ସଞ୍ଜୟ ଅଗ୍ରୱାଲ, ମହାରାଜା ଅଗ୍ରସେନ ସେବା ସଂଘ ସଭାପତି ଓମପ୍ରକାଶ ବାପୁଡିଆଙ୍କ ସମେତ ରାଜସ୍ଥାନ ପରିଷଦର ପୂର୍ବତନ ଅଧ୍ୟକ୍ଷ, ପୃଷ୍ଠପୋଷକ କମିଟିର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସଭାପତି ଜୁଗଲ ମାରୋଥିଆ ସ୍ୱାଗତ ଭାଷଣ ଦେଇଥିଲେ। ରାଜସ୍ଥାନ ପରିଷଦର ପୂର୍ବତନ ଅଧ୍ୟକ୍ଷମାନେ ରାଜସ୍ଥାନର ନାୟକମାନଙ୍କ ଗାଥା, ସଂସ୍କୃତି, ଭାଷା ଏବଂ ସଭ୍ୟତା ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରିଷଦର ପୂର୍ବତନ ସଭାପତି ମହାବୀର ଟୋଡି, ପୃଷ୍ଠପୋଷକ କମିଟି ସଦସ୍ୟ ରମେଶ ରାଜୁକା, ପରିଷଦର ଉପାଧ୍ୟକ୍ଷ ବିନୋଦ ନାରେଡି, ସଚିବ ଲଳିତ କେଜରିୱାଲ, ସହ ସଚିବ ମନୋଜ ଅଗ୍ରୱାଲ, କୋଷାଧ୍ୟକ୍ଷ ମୁକେଶ ରାଜ କେଡିଆ, କାର୍ଯ୍ୟକ୍ରମ ସଂଯୋଜକ ବିନୋଦ ମୋଦି ପ୍ରମୁଖ ସହଯୋଗ କରିଥିଲେ।

## ନୃତ୍ୟନାଟିକାରେ ଜଙ୍ଗଲ ନିଆଁ ନିବାରଣ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଜଙ୍ଗଲ ସୁରକ୍ଷା ଓ ଅଗ୍ନି ନିବାରଣ ଉପରେ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷିକା ସୁଜାତା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ଆବାହକତ୍ୱ ଏବଂ ସମାଜସେବୀ ବିବେକାନନ୍ଦ ଦାସଙ୍କ ମଞ୍ଚ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଫରେଷ୍ଟର ରୀତାଞ୍ଜଳି ଶତପଥୀ, ବିଜୟ କଲେର, ଫରେଷ୍ଟ ଗାର୍ଡ ସଂଗ୍ରାମ ବାରିକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷିକା ନିରୁପମା ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ନିବେଦିତା ସାହୁ, ଶକୁନ୍ତଳା ଦାଶ, ସରୋଜ ଜେନା, ମିନତୀ ଖମାରୀ, ପୂଜା ସ୍ୱାଇଁ, ହରିଶଙ୍କର କାମିଲା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ଭବିଷ୍ୟତ ଜୀବନରେ ଉତ୍ତମ ନାଗରିକ ଭାବେ ବୃକ୍ଷରୋପଣ ଓ ଜଙ୍ଗଲ ବୃଦ୍ଧି କରି ନିଜ ପରିବେଶକୁ ସବୁଜ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ଛାତ୍ରୀଙ୍କ ସମେତ କଳାକାର ବାପି ପଲାଇ, ରଶ୍ମିତା ଓ ଅଭିପ୍ସା ପ୍ରମୁଖ ଜଙ୍ଗଲ ନିଆଁ ନିବାରଣ ସମ୍ପର୍କରେ ନୃତ୍ୟ ନାଟିକା ପରିବେଷଣ କରିଥିଲେ।

## ରାଉରକେଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ କରିଥିବା ନବନିର୍ବାଚିତ କର୍ମକର୍ତ୍ତା।

**ରାଉରକେଲା,୩୧।୩(ସଙ୍ଗୀତା ଜେନା)**

ରାଉରକେଲା ଓକିଲ ସଂଘର ୨୦୨୬-୨୭ ବର୍ଷ ପାଇଁ ନବ ନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନଙ୍କ ଶପଥ ଗ୍ରହଣ ସମାରୋହ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସରୋଜ ନାରାୟଣ ମହାପାତ୍ର ନବ ନିର୍ବାଚିତ ସଭାପତି ସଦାନନ୍ଦ ସାହୁ, ଉପ ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଶାନ୍ତନୁ କୁମାର ଦାସ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସିଂହଦେଓ, ସହ ସମ୍ପାଦକ (ଏଏସ୍ଏମ୍ ଫଣ୍ଡ) ତାପସ ପରିଡ଼ା, ସହ ସମ୍ପାଦକ (ଲାଇବ୍ରେରୀ) ଶ୍ରୀନିବାସ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ମହେଶ୍ୱର ପୂରଣ, ବନ୍ଦନା ପଣ୍ଡା, ଋଷି ଶେଖର ମହନ୍ତ, ଅଭିଷେକ ସିଂହ, ସୁମିତା ନନ୍ଦ ପ୍ରମୁଖଙ୍କୁ ଶପଥ ପାଠ କରାଇଥିଲେ। ସମାରୋହରେ ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ଚତୁର୍ଭୁଜ ନାଏକ, ପଙ୍କଜ କୁମାର ଦାଶ, ଏମ୍. ମାଲେଶ୍ୱରମ, ଚନ୍ଦ୍ରମଣି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବ ସମାଜ ଶିକ୍ଷାକୁ ଦେଶ ହିତରେ ବିନିଯୋଗ କରିବା ଜରୁରୀ

**ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ବାର୍ଷିକୋତ୍ସବ**

**ରାଉରକେଲା, ୩୧।୩(ବିପ୍ଳବ ରଞ୍ଜନ ଦାଶ)**



ମୁଖ୍ୟ ଅତିଥି କୃତୀ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହରିହର ଦାଶ ସଭାପତିତ୍ୱ କରିଥିଲେ। ଦୀପ୍ତିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରିବା ସହିତ ସମାଜ, ପରିବେଶ ଓ ଦେଶହିତ ପାଇଁ କାର୍ଯ୍ୟ କରିବାର ସ୍ୱଭାବ ସୃଷ୍ଟି କରିବା ଉଚିତ ବୋଲି ମତ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବ୍ୟକ୍ତିର ସାମଗ୍ରିକ ବିକାଶ ମାଧ୍ୟମରେ ସୁସ୍ଥ ସମାଜ ଓ ବିକଶିତ ରାଷ୍ଟ୍ର ନିର୍ମାଣ ପାଇଁ ଉପଯୁକ୍ତ ଶିକ୍ଷା ଏକ ମାଧ୍ୟମ ଓ ଏହା ଏକ ଜୀବନବ୍ୟାପୀ ସାଧନା। ପ୍ରଫେସର ସମର ମୁଦାଲି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ଉତ୍ସାହ ମାଧ୍ୟମରେ ଉଚ୍ଛ୍ୱାସ ସୃଷ୍ଟି କରି ଜ୍ଞାନାର୍ଜନ ଓ ସଫଳତା ପ୍ରାପ୍ତ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପକ ବିଜୟ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅର୍ଘ୍ୟଦୀପ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦିବ୍ୟକାନ୍ତି ବିଲୁଙ୍ଗ, ସତ୍ୟରଞ୍ଜନ ରାଉତ, ନିଖିଳ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶ୍ରୁତି ରାଉତରାୟ, ଆଶୀର୍ବାଦ ମାଝି, ଶିଳ୍ପୀ ଲାକ୍ରା ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।

## ଗ୍ରୀଷ୍ମକାଳୀନ କ୍ରିକେଟ ଶିବିରରେ ୫୫ ଖେଳାଳି

**ରାଉରାଉରକେଲା,୩୧।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ସମୁଦାୟ ୫୫ ଜଣ ଖେଳାଳି ଯୋଗ ଦେଇଥିଲେ। ପୂର୍ବତନ ରଣଜି ଉଇକେଟ୍ ରକ୍ଷକ ଅଂଶୁମାନ ଗୋପ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିବିରାର୍ଥୀଙ୍କୁ ପ୍ରଥମ ଦିନରେ ବିଭିନ୍ନ ପ୍ରକାର ଶାରୀରିକ ବ୍ୟାୟାମ ସାଙ୍ଗକୁ ବୋଲିଂ ଓ ବ୍ୟାଟିଂ ତାଲିମ୍ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟି ଶୁଭେନ୍ଦୁ ଧଳ, ବାନାମ୍ବର ସାହୁ, ଶ୍ରୀଧର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିର ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଗୋପ ସୂଚନା ଦେଇଛନ୍ତି।

## ନୂଆଗାଁ ଡିଗ୍ରୀ ମହାବିଦ୍ୟାଳୟରେ ନବସୃଜନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ପ୍ରମାଣପତ୍ର ସହ ଛାତ୍ରୀଛାତ୍ର।

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ନୂଆଗାଁ ବ୍ଲକ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ସୋମବାର ଇନୋଭେସନ୍ ଷ୍ଟାର୍ଟଅପ୍ ପ୍ରୋଗ୍ରାମ ବା ନବସୃଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜିତ କୁମାର ବାର୍ଲା ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁଫଳ ସୁରିନ ମୁଖ୍ୟ ଅତିଥି ଏବଂ ଗୋଲାପ ଚନ୍ଦ୍ର ପଟେଲ ପରିଦର୍ଶକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ଯଥା ପୁଆ ପିଠା, କାକଙ୍କ ପିଠା, ଖଜୁରୀ ପିଠା, ଇଡିଲି ପିଠା, ଚନାଚୁର, ରାଶି ଲଡୁ, ନିମକି, ଚଣା, ଦହିବୁନ୍ଦି, ଲସି ଆଦି ପ୍ରସ୍ତୁତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ସନତ ଦାଶ, ସୁଶାନ୍ତ ଦାଶ, ଲୁଚନ ଲାକ୍ରା, ତପୁ ପାତ୍ର, ଅଂଶୁମାନ ଷଡ଼ଙ୍ଗୀ ଏବଂ ଅଧ୍ୟାପିକା ସୁଶ୍ରୀ ରଞ୍ଜିତା ଭୋଇ, ସୁଶ୍ରୀ ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# କଲ୍ୟାଣୀ ରାୟ ମହିଳା ସଙ୍ଗଠନରେ ପଖାଳ ଦିବସ

**ରାଉରକେଲା,୩୧।୩(ସଙ୍ଗୀତା ଜେନା)**

ରାଉରକେଲାର କଲ୍ୟାଣୀ ରାୟ ମହିଳା ସଙ୍ଗଠନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପଖାଳ ଦିବସ ପାଳିତ ହୋଇଯାଇଛି। ପୂର୍ବତନ କାଉନସିଲର ଜର୍ଜ ଆନନ୍ଦଙ୍କ ଅଧ୍ୟକ୍ଷତାରେ ସଙ୍ଗଠନର ଅଧ୍ୟକ୍ଷ ହରିହର ରାଉତରାୟ, ରିଙ୍କୁ ସାମଲ, ରାଜା ରୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଲୋକ ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଯଶସ୍ୱିନୀ ମିଶ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହାସହ ସାଗରିକା ୱେଲଫେୟାର ଟ୍ରଷ୍ଟର ସଦସ୍ୟାମାନେ ଯୋଗ ଦେଇଥିଲେ। ସଙ୍ଗଠନର ସଦସ୍ୟାମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଉତ୍ସବ ପାଳନ କରିଥିଲେ। ଏଥିରେ ଭାରତୀ ପାଢ଼ୀ, ଶୁଭଶ୍ରୀ ଦାସ, ସୁକାନ୍ତି ମହାରଣା, ମମତା ଦାଶ, ଭାରତୀ ଧଳ, ଜୟଶ୍ରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଙ୍ଗଠନର କାର୍ଯ୍ୟକର୍ତ୍ତା।

# ଆର୍‌ଏସ୍‌ପିରେ ସୁରକ୍ଷା ସଚେତନତା ନାଟକ

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**



ପରିବେଷିତ ନାଟକର ଏକ ଦୃଶ୍ୟ।

ଆର୍‌ଏସ୍‌ପି କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସୁରକ୍ଷିତ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ଅନ୍ତର୍ଗତ ସିଣ୍ଟର ପ୍ଲାଣ୍ଟ-୧ ବିଭାଗରେ 'ସୁରକ୍ଷାର ନିୟମ' ଶୀର୍ଷକ ଏକ ସଚେତନତା ନାଟକ ଆୟୋଜିତ ହୋଇଥିଲା। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର. ପଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏ. ସି. ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଏସ. ଏସ. ରାୟଚୌଧୁରୀ ଏବଂ ସୁରକ୍ଷା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ସୁରକ୍ଷା କେବଳ ଏକ ପ୍ରାଥମିକତା ନୁହେଁ ବରଂ ଜୀବନର ଏକ ଉପାୟ ବୋଲି ସେ କହିଥିଲେ। ସୁରକ୍ଷା ନାଟକଟି ବାସ୍ତବ ଜୀବନରେ କାର୍ଯ୍ୟକ୍ଷେତ୍ର ପରିସ୍ଥିତିକୁ ପ୍ରଭାବଶାଳୀ ଭାବେ ଚିତ୍ରଣ କରିଥିଲା। ଏଥିସହ ସୁରକ୍ଷାରେ ଅବହେଳାର ପରିଣାମ ଏବଂ ସୁରକ୍ଷା ମାନଦଣ୍ଡ ପାଳନ କରିବାର ଗୁରୁତ୍ୱ ଉପରେ ବାର୍ତ୍ତା ମଧ ଦେଇଥିଲା। ଏହି ନାଟକରେ ଏସ୍‌ପି-୧ ବିଭାଗର ସୌମ୍ୟରଞ୍ଜନ ଜେନା, କରନ ଓରାମ, ଘନଶ୍ୟାମ ଗୋନ୍ଧୋ, ଅରୁଣ କେରକେଟ୍ଟା, ସୁଶ୍ରୀ କିସମତୀ ସିଂହ, ସୁଶ୍ରୀ ସୁଜାତା ଏକ୍କା, ସୁଶ୍ରୀ ଶକୁନ୍ତଳା ଭୂମିଜ ଏବଂ ବିଜୟ ସୋଇ ଅଭିନୟ କରିଥିଲେ। ଏସପି-୧ ବିଭାଗର ଏଜିଏମ ପ୍ରଭାତ କୁମାର ଦାଶ ନାଟକ ରଚନା ଏବଂ ନିର୍ଦ୍ଦେଶନା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବି. ଆର. ପଲାଇ କଳାକାର ଏବଂ ଆୟୋଜକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଏସ୍‌ପି-୧ (ଇଲେକ୍ଟ୍ରିକାଲ୍) ବିଭାଗର ଜିଏମ୍ ସଞ୍ଜୟ ତଲୱାର ଧନ୍ୟବାଦ ଅର୍ପଣ କରିଥିଲେ। ଏସପି-୧ର ବିଭାଗୀୟ ମୁଖ୍ୟ ଶୁଭ୍ରାଂଶୁ ଚକ୍ରବର୍ତ୍ତୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର**

ସମ୍ବଲପୁର,(ବି.ଶଙ୍କର): ଓଡ଼ିଆ ପକ୍ଷ ପାଳନ ଅବସରରେ ସମ୍ବଲପୁର ସହରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଭିମସାର ରକ୍ତ ପ୍ରତିଦାନ କେନ୍ଦ୍ର ସହଯୋଗରେ ହେଇଥିବା ଏହି ଶିବିରକୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ରଘୁମଣି ନାଏକ ଉଦ୍‌ଘାଟନ କରିଥିଲେ। ଶିବିରରେ ଯୁକ୍ତ ୩, ପିଜି ବର୍ଗରେ ଛାତ୍ରାଛାତ୍ର ଏବଂ ଅଧାପିକା ଅଧାପକମାନେ ରକ୍ତଦାନ କରିଥିଲେ। ସମୁଦାୟ ୨୪ ୟୁନିଟ ରକ୍ତ ସଂଗୃହୀତ ହେଇଥିଲା। ଏହି ଶିବିରକୁ ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ସୁରେଶ ଏକ୍କା, ରୋଜାଲି ସେଠ, ସତ୍ୟପ୍ରକାଶ ଟୁଡୁ, ମେଞ୍ଜା ପୂର୍ତ୍ତି, ଏନ୍‌ସିସି ଅଧିକାରୀ ହର୍ଷିତା ସ୍ୱାଇଁ , ରେଡକ୍ରସ ଅଧିକାରୀ ଡ. ମିଲି ସାହୁ ଏବଂ ଡ. ସନ୍ଧ୍ୟାରାଣୀ କୁଅଁର ପରିଚାଳନା କରିଥିଲେ।

# ଏନ୍‌ଏସ୍‌ଏସ୍ ସମାଜ ସହ ସଂଯୋଗ ବଢ଼ାଏ

## ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ସାତଦିବସୀୟ ଶିବିର

ସମ୍ବଲପୁର,୩୧।୩(ବି.ଶଙ୍କର)

ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ସମ୍ବଲପୁର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ପୋଷ୍ୟ ଗ୍ରାମ ପିଲାକଦେଇ ପଡାରେ ୭ ଦିନିଆ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଶିବିରରେ ୫୦ଜଣ ସ୍ୱୟଂ ସେବକ ଅଂଶଗ୍ରହଣ କରି ସମାଜମୁଖୀ କାର୍ଯ୍ୟକଳାପରେ ନିୟୋଜିତ ହୋଇଥିଲେ। ଶିବିର ଅବଧିରେ ସ୍ୱୟଂସେବକମାନେ ମହାବିଦ୍ୟାଳୟ ଓ ଗ୍ରାମ ପରିସରରେ ପରିଚ୍ଛନ୍ନତା ଅଭିଯାନ, ନଦୀ ଓ ପୋଖରୀ ଘାଟ ସଫା, ଶୁଷ୍କ ପତ୍ର ଓ ଜୈବ ଅବର୍ଜନା ସଂଗ୍ରହ କରି କମ୍ପୋଷ୍ଟିଂ, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପ କରିଥିଲେ। ଏହାସହ ଗ୍ରାମବାସୀଙ୍କ ମଧ୍ୟରେ ପରିଚ୍ଛନ୍ନତା, ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଞ୍ଚୟ, ମଦ୍ୟପାନ ଓ ନିଶା ବିରୋଧୀ ସଚେତନତା ସୃଷ୍ଟି ପାଇଁ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ପୁଟିବନ୍ଧ ଗ୍ରାମବାସୀଙ୍କୁ ଦିଶା ଫାଉଣ୍ଡେଶନର ସୁନୀଲ କୁମାର ମାଝୀଙ୍କ ସହଯୋଗରେ ମଦ୍ୟପାନ ଓ ନିଶା ବିରୋଧି ନାଟକ ମାଧ୍ୟମରେ ସଚେତନତା କରାଯାଇଥିଲା। ସେହିପରି ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଛାମୁଣ୍ଡା, ରାନତରା ଗ୍ରାମ ପରିଦର୍ଶନ କରି ବିଭିନ୍ନ ବିଷୟରେ ଜ୍ଞାନଲାଭ କରିଥିଲେ। ଶିବିରରେ ବିଭିନ୍ନ ବିଷୟରେ ଅତିଥି ଓ ବକ୍ତାମାନଙ୍କ ଦ୍ୱାରା ଜ୍ଞାନବର୍ଦ୍ଧକ ଅଭିଭାଷଣ ଦିଆଯାଇଥିଲା। ଷ୍ଟୋରୀ ଫର ଚେଞ୍ଜ ଅନଉଠୋନର ସୂର୍ଯ୍ୟ ନାରାୟଣ ଦାଶ କାର୍ଯ୍ୟସ୍ଥଳରେ ମହିଳାଙ୍କ ଉପରେ ହେଉଥିବା ଯୌନ ଶୋଷଣ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ଡ. ଦେବେନ୍ଦ୍ର ଭୁଏ ଯୁବପିଢି ପାଇଁ ବ୍ୟକ୍ତିତ୍ୱ ବିକାଶ ଉପରେ ଅଭିଭାଷଣ ଦେଇଥିଲେ। ସମ୍ବଲପୁରର ବ୍ରହ୍ମାକୁମାରୀ ଦୀପା ସୁସ୍ଥ ଅଭ୍ୟାସ ଓ ଜୀବନ ଶୈଳୀ ବିକାଶ ଉପରେ ଆଲୋଚନା କରିଥିଲେ। ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଡ. ଶଶାଙ୍କ ଶେଖର ଗଡନାୟକ କ୍ୟାରିୟର ଗଠନ ଓ ଜୀବନ ଗଢ଼ିବାରେ ଏନ୍‌ଏସ୍‌ଏସ୍ ଭୂମିକା ବିଷୟରେ ମତ ରଖିଥିଲେ। ଜିଲା ନୋଡାଲ ଅଫିସର ଶାନ୍ତନୁ କୁମାର ପଧାନ ସ୍ୱୟଂସେବକମାନଙ୍କୁ ଉତ୍ସାହିତ କରିଥିଲେ। ସମାଜ ସହ ସଂଯୋଗ ବଢ଼ାଇବା ଓ ସଚେତନତା ସୃଷ୍ଟି ଦିଗରେ ଏନ୍‌ଏସ୍‌ଏସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ଯୋଗାଭ୍ୟାସ, ରଚନା ଓ ଏକ୍ସଟେମ୍ପୋର ପ୍ରତିଯୋଗିତା ମାଧ୍ୟମରେ ସ୍ୱୟଂସେବକମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶକୁ ଉତ୍ସାହିତ କରାଯାଇଥିଲା। ଶିବିର ସମାପନ ଉତ୍ସବରେ ଏନସସିବି ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲ, ଆକ୍ୟୁଏସି ସଂଯୋଜକ ଡ. ରଘୁମଣି ନାୟକ, ଏକାଡେମିକ ଶାଖା ଅଧାପକ ହରିହର ମଲ୍ଲିକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡ. ବୀରେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ସ୍ୱୟଂ ସେବକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶିବିରର ସମାପନ ହୋଇଥିଲା। ଶିବିର ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ସୁରେଶ ଏକ୍କା ଏବଂ ରୋଜାଲୀ ସେଠଙ୍କ ତତ୍ତ୍ୱାବଧାନରେ ସମାପିତ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ଏନ୍‌ଏସ୍‌ଏସ୍ ସ୍ୱୟଂ ସେବକ ତଥା ରାଜ୍ୟ ଏନ୍‌ଏସ୍‌ଏସ୍ ପୁରସ୍କାରପ୍ରାପ୍ତ ମାସୁଦ ଆଲାମ ସହଯୋଗ କରିଥିଲେ। ଏହି ଶିବିର ମାଧ୍ୟମରେ ସ୍ୱୟଂସେବକମାନଙ୍କ ମନରେ ସମାଜସେବା, ନେତୃତ୍ୱ ଓ ଦାୟିତ୍ୱବୋଧର ଉନ୍ନତି ଘଟିଥିବା ସହ ଗ୍ରାମୀଣ ଅଞ୍ଚଳରେ ସଚେତନତା ସୃଷ୍ଟିରେ ଏକ ସକାରାତ୍ମକ ପ୍ରଭାବ ପଡ଼ିଛି ବୋଲି ଶିବିରାର୍ଥୀମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।


ସ୍ୱତନ୍ତ୍ର ଶିବିରରେ ଅତିଥି, ବକ୍ତା ଏବଂ ପୁରସ୍କୃତ ଶିବିରାର୍ଥୀ।

## ଗ୍ରାମୀଣ ବାଳିକା ଫୁଟ୍‌ବଲ ଖେଳାଳିଙ୍କୁ କିଟ୍ ବଣ୍ଟନ


ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଗ୍ରାମୀଣ ବାଳିକା ଫୁଟବଲ ଖେଳାଳିଙ୍କୁ କିଟ୍ ବଣ୍ଟନ କରାଯାଉଛି।

ସମ୍ବଲପୁର,୩୧।୩(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଗ୍ରାମୀଣ ବାଳିକା ଫୁଟବଲ ଖେଳାଳିଙ୍କୁ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ କମ୍ପାନୀ ସମଗ୍ର କ୍ରୀଡା ବିକାଶ ପ୍ରୟାସ ପ୍ରକଳ୍ପ ଲକ୍ଷ୍ୟ ଅଧିନରେ ଆଦିତ୍ୟ ଜ୍ଞାନଧାରାରେ ଆଦିତ୍ୟ ଉଦୟ ସ୍ପୋର୍ଟସ କ୍ଲବରେ ଭର୍ତ୍ତି ୪୦ ଜଣ ଗ୍ରାମୀଣ ବାଳିକାଙ୍କ ପାଇଁ ପୋଷଣ କିଟ୍ ବଣ୍ଟନ କରିଥିଲା। କ୍ରୀଡାକୁ ପ୍ରୋତ୍ସାହନ ଦେବା ସହ ଗ୍ରାମୀଣ ଯୁବତୀମାନଙ୍କ, ସ୍ୱାସ୍ଥ୍ୟ ଓ ସମଗ୍ର ଉନ୍ନତିକୁ ସମର୍ଥନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଦିତ୍ୟ ଆଲୁମିନିୟମର ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ସୁକାନ୍ତ ମହାପାତ୍ର, ରବି ନିୱାସ, ମନୋରଞ୍ଜନ ବେହେରା ଓ ସିଏସଆର ଦଳର ଅନ୍ୟ ସଦସ୍ୟ ଓ ଆଦିତ୍ୟ ଉଦୟ ସ୍ପୋର୍ଟସ କ୍ଲବ ସଦସ୍ୟମାନେ ଉପସ୍ଥିତ ଥିଲେ । ଯୁବ ଫୁଟବଲ ଖେଳାଳିମାନଙ୍କର ଶାରୀରିକ ଦକ୍ଷତା ଓ ସମଗ୍ର ବିକାଶକୁ ସମର୍ଥନ କରିବା ପାଇଁ ପୋଷଣ କିଟ୍ ବଣ୍ଟନ କରାଯାଇଥିଲା ।

## ୨୧୭୬ ଜଣଙ୍କ ନାମରେ କଟିଲା ଚାଲାଣ

ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଗତ ମାର୍ଚ୍ଚ ୨୧ରୁ ଆରମ୍ଭ ହୋଇଥିବା ୧୦ଦିନିଆ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ମଙ୍ଗଳବାର ଶେଷ ହୋଇଛି। ପରିହନ ନିୟମ ଅନୁଯାୟୀ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଜରିମାନା କରାଯାଇଛି। ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ସୂଚନା ଅନୁସାରେ ସ୍ୱତନ୍ତ୍ର ଅଭିଯାନ କାଳରେ ୨୧୭୬ ଚାଲାଣ କଟାଯିବା ସହ ପ୍ରାୟ ୧ କୋଟି ୪୩ ଲକ୍ଷ ୯୨୬୩୭ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି। ସେଥିରୁ ତତକ୍ଷଣାତ ୧୩ ଲକ୍ଷ ୭୪୮୩୩ ଟଙ୍କାର ଜରିମାନା ଆଦାୟ ହୋଇଛି। ୫ଟି ସ୍ୱତନ୍ତ୍ର ଦଳ ଯାଞ୍ଚ ପ୍ରକ୍ରିୟାରେ ନିୟୋଜିତ ଥିଲେ। ଉକ୍ତ ଦଳ ପୃଥକଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ, ଏନଏଚ୍, ଶିଳ୍ପାଞ୍ଚଳ ଭଳି ଦୁର୍ଘଟଣାପ୍ରବଣ ସ୍ଥାନରେ ଦିନରାତି ନଜର ରଖିଥିଲେ। ଏହି ଅଭିଯାନରେ ହେଲମେଟ୍ ପିନ୍ଧି ନ ଥିବା ସର୍ବାଧିକ ୮୨୭ ବାଇକ ଆରୋହୀଙ୍କ ବିରୋଧରେ ଚାଲାଣ କଟାଯାଇଥିବା ବେଳେ ଦ୍ରୁତଗତିରେ ଗାଡ଼ି ଚାଳନା ପାଇଁ ୩୩୫ଜଣ, ବିନା ଡ୍ରାଇଭିଂ ଲାଇସେନ୍ସ ଗାଡ଼ି ଚାଳନା ପାଇଁ ୨୫୯ ଜଣ, ମଦ୍ୟପାନ କରି ବେପରୁଆ ଗାଡ଼ି ଚାଳନା ପାଇଁ ୨୧୯ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିଟ୍ ବେଲ୍ଟ ନ ବାନ୍ଧିବା, କ୍ଷମତାଠାରୁ ଅଧିକ ଯାତ୍ରୀଙ୍କ ପରିବହନ, ଫୋନରେ କଥା ହୋଇ ଗାଡ଼ି ଚାଳନା ଏବଂ ବାଇକରେ ତିନିଜଣ ବସିବା ଆଦି ନିୟମ ଅମାନ୍ୟ କରିଥିବା ଯଥାକ୍ରମେ ୬୫, ୩୪, ୪୦ ଓ ୭୩ ଜଣ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀ ବିରୋଧରେ ଚାଲାଣ କଟାଯାଇଛି। ସେହିପରି ୩୫୩ ଟ୍ରାଫିକ ଉଲ୍ଲଂଘନକାରୀଙ୍କ ଚଲାଣ କଟାଯିବା ସହ ସେମାନଙ୍କ ଗାଡ଼ି ଅଟକ ରଖାଯାଇଥିଲା। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ପରିବହନ ବିଭାଗ, ଜିଲା ପ୍ରଶାସନ ଓ ପୋଲିସର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ବୋଲି ଆରଟିଓ ଟୁଡୁ କହିଛନ୍ତି।

## ସଂକ୍ଷେପରେ

### ଛତାଗଡ଼ ବନ ସୁରକ୍ଷା ପରିଷଦ ଗଠିତ

ରେଢାଖୋଲ,୩୧।୩(ସନ୍ତୋଷ ବଘାର)

ପ୍ରତ୍ନତତ୍ତ୍ୱ ବିଭାଗ ଗବେଷକମାନେ ପ୍ରଥମ ସର୍ବେକ୍ଷଣରେ ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତରେ ବେତଗଡ ଗ୍ରାମ ସମେତ ଛତାଗଡ ପାଦଦେଶରେ ବିଭିନ୍ନ ସ୍ଥାନରେ ଲୌହ ଶିଳ୍ପ ଥିବାର ପ୍ରମାଣ ଲୋକଲୋଚନକୁ ଆଣିଥିଲେ। ଏହି ଲୌହ ଶିଳ୍ପର ସୁରକ୍ଷା, ଶୈଳଚିତ୍ର ଏବଂ ଶୈଳଶ୍ରୟର ସୁରକ୍ଷା ପାଇଁ ଅଞ୍ଚଳର ସଚେତନ ବ୍ୟକ୍ତି ଓ ଯୁବଗୋଷ୍ଠୀଙ୍କୁ ନେଇ ଛତାଗଡ ସୁରକ୍ଷା ପରିଷଦ ନାମରେ ଏକ ସଙ୍ଗଠନ ଗଠିତ ହୋଇଛି। ଏହି କମିଟିରେ ଆବାହକ ତଥା ସଭାପତିଭାବେ ଅଜୟ କୁମାର ସାହୁ, ସମ୍ପାଦକ ଅରୁଣ ପ୍ରଧାନ, ଉପସଭାପତି ଶୁଭ ପୃଷ୍ଟି, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, କୋଷାଧ୍ୟକ୍ଷ ପ୍ରିତମ ପ୍ରଧାନ ପ୍ରମୁଖଙ୍କୁ ଚୟନ କରାଯାଇଛି। ରମେଶ ପ୍ରସାଦ ସ୍ୱାଇଁ ଓ ପ୍ରସନ୍ନ କୁମାର ପ୍ରଧାନ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ଯୁଗଳ ପ୍ରଧାନ, ଦୁଃଶାସନ ପ୍ରଧାନ, ଅମିତ ସାହୁ, ମାନସ ସିଂ ରହିଛନ୍ତି। ବୈଠକରେ ଚରଣ ପ୍ରଧାନ, ବିକାଶ ବଘାର ପଥମୁଖ ଯୋଗ ଦେଇଥିଲେ।

## ଭିଜିଲାନ୍ସ ଜାଲରେ ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର

ଭୁବନେଶ୍ୱର/ସମ୍ବଲପୁର,୩୧।୩
(ତ୍ରିନାଥ ମହାନ୍ତି/ ପ୍ରମୋଦ ବହିଦାର)


ଘରୁ ଜବତ ଟଙ୍କା।



- ୫ଲକ୍ଷ ଲାଞ୍ଚ ଟଙ୍କା ନେଇ ଯିବାବେଳେ ଧରିଲା ଭିଜିଲାନ୍ସ
- ରସୁଲଗଡ଼ ଘରୁ ୫ଲକ୍ଷ ଏବଂ ଭଉଣୀଙ୍କ ଘରୁ ୩୪ ଲକ୍ଷ ଟଙ୍କା ଠାବ

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲୁସି) ସମ୍ବଲପୁର ଡିଭିଜନର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ୫.୧୮ଲକ୍ଷ ଲାଞ୍ଚ ଟଙ୍କା ନେଇ ଯିବା ସମୟରେ ଖବରପାଇ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା। ସମ୍ବଲପୁର ରେଳ ଷ୍ଟେଶନ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରି ଯାଞ୍ଚ କରିବା ପରେ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହି ଟଙ୍କାର ଉତ୍ସ ସମ୍ପର୍କରେ ଭିଜିଲାନ୍ସ ପଚାରିଥିଲେ ମଧ୍ୟ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏହାପରେ ଭିଜିଲାନ୍ସ ତାଙ୍କୁ ଉଠାଇ ନେବା ସହ ସମ୍ବଲପୁର, ଭଞ୍ଜନଗର, ଗଞ୍ଜାମ ଏବଂ ଭୁବନେଶ୍ୱରରେ ଥିବା ତାଙ୍କ ବାସଭବନରେ ଏକକାଳୀନ ଚଢାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କର ଭୁବନେଶ୍ୱର ରସୁଲଗଡ଼ରେ ଥିବା ଘରୁ ନଗଦ ୫ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଥିବାବେଳେ ଚନ୍ଦ୍ରଶେଖରପୁରସ୍ଥିତ ଭଉଣୀଙ୍କ ଘରୁ ୩୪.୮୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ସମୁଦାୟ ତାଙ୍କଠାରୁ ୪୫ ଲକ୍ଷ ୪୧ ହଜାର ଟଙ୍କା ଜବତ କରିଛି। ଭିଜିଲାନ୍ସ ଟିମ୍ ତାଙ୍କ ବ୍ୟାଙ୍କ୍ ବାଲାନ୍ସ ଏବଂ ଲକର ଯାଞ୍ଚ କରୁଥିବା ବେଳେ କଳାଧନର ପରିମାଣ ବଢିବ ବୋଲି ଭିଜିଲାନ୍ସ କହିଛି। ବଡ଼ କଥା ହେଲା ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ବିଦ୍ୟୁତ୍‌ଙ୍କ ଭଉଣୀଙ୍କ ବାସଭବନରୁ ୭୦ଟି ୫୦୦ ଟଙ୍କିଆ ନୋଟ ଏକ ଟିଣ ବାକ୍ସରୁ ମିଳିଥିଲା।

ଭିଜିଲାନ୍ସ ଘର ଏବଂ ପ୍ଲଟ୍ ଆଦି ଖୋଳତାଡ଼ କରୁଛି। ବୁଧବାର ଭିଜିଲାନ୍ସ ତାଙ୍କୁ କୋର୍ଟ ଚାଲାଣ କରିବା ସହ ସମ୍ପୂର୍ଣ୍ଣ କଳାଧନର ହିସାବ ହେବ ବୋଲି ସୂଚନା ମିଳିଛି। ଅଭିଯୁକ୍ତ ବିଦ୍ୟୁତ୍ ରଞ୍ଜନ ଡେପୁଟି ମ୍ୟାନେଜର ଥିବାରୁ ସେ ଠିକାଦାରଙ୍କୁ ସହଯୋଗ କରୁଥିଲେ। କିଛି ହାତ ଗଣତି ଠିକାଦାରଙ୍କୁ ବିନା ଟେଣ୍ଡରରେ ଠିକା କାମ ଦେଉଥିଲେ। ଫଳରେ କଣ୍ଟ୍ରାକ୍ଟରମାନେ ତାଙ୍କୁ ପୁଳା ପୁଳା ଲାଞ୍ଚ ଟଙ୍କା ଦେଉଥିଲେ। ମଙ୍ଗଳବାର ସେ ଠିକାଦାରଙ୍କଠାରୁ ଲାଞ୍ଚ ଟଙ୍କା ନେଇଥିଲେ। ଖବର ପାଇ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରି ସମ୍ବଲପୁର ଷ୍ଟେଶନ ନିକଟରେ ଧରିଥିଲେ। ବିଦ୍ୟୁତ୍ ରଞ୍ଜନଙ୍କ ନାଁରେ ପୂର୍ବରୁ ମଧ ଲାଞ୍ଚ ନେବା ସମ୍ପର୍କିତ ଭିଜିଲାନ୍ସ ନିକଟରେ ଅଭିଯୋଗ ରହିଥିଲା।

## ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌ରୁ ଚୋରି ଘଟଣା, ଅଭିଯୁକ୍ତ ଗିରଫ

ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)

ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ୍‌ରୁ ଲାପଟପ୍ ଚୋରି ଘଟଣାରେ ରେଳବାଇ ପୋଲିସ ବୁର୍ଲା ଥାନା ଇନ୍ଦିରାଛକ ଅଞ୍ଚଳର ବିକାଶ ସାମଲ(୨୩)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ଲାପଟପ୍ ସହିତ ଏକ ମୋବାଇଲ ଫୋନ ଜବତ ହୋଇଛି। ପୋଲିସ ସୂଚନା ଅନୁସାରେ, ଗତ ମାର୍ଚ୍ଚ ୨୯ ତାରିଖ ସକାଳେ କଳାହାଣ୍ଡି ଜିଲାର ଗୋବିନ୍ଦ ମିଶ୍ର ଉକ୍ତ ଟ୍ରେନ୍‌ରେ ଭୁବନେଶ୍ୱର ଯାଉଥିଲେ। ଏହି ସମୟରେ ଟ୍ରେନ୍‌ରୁ ତାଙ୍କର ଲାପଟପ୍ ଚୋରି ହୋଇଯାଇଥିଲା। ଏନେଇ ସେ ମାର୍ଚ୍ଚ ୩୦ରେ ରେଳବାଇ ଥାନାରେ ଏତଲା ଦେଇଥିଲେ। ଥାନାରେ ଏକ ମାମଲା ରୁଜୁ କରି ରେଳବାଇ ପୋଲିସ ତଦନ୍ତ କରିଥିଲା। ବିଭିନ୍ନ ଷ୍ଟେଶନ ଓ ପ୍ଲାଟଫର୍ମରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। କ୍ଷେତରାଜପୁର ଷ୍ଟେଶନ ନିକଟରେ ମଙ୍ଗଳବାର ଅଭିଯୁକ୍ତ ଏକ ବାଇକରେ ବୁଲୁଥିବା ସମୟରେ ପୋଲିସ ତାଙ୍କୁ କାବୁ କରିଥିଲା। ପଚରାଉଚରା ପରେ ଅଭିଯୁକ୍ତ ଲୁଚାଇ ରଖିଥିବା ସ୍ଥାନରୁ ଚୋରି ଲାପଟପ୍, ମୋବାଇଲ୍ ଫୋନ୍ ଏବଂ ଏକ ବାଇକ୍(ଓଡି-୧୫-ଟି-୧୦୨୮)ଜବତ କରାଯାଇଛି। ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗଡ଼ପୋଷ ଅଞ୍ଚଳରୁ ଉକ୍ତ ବାଇକ୍‌ସହିତ ସୁନା ଗହଣା ଲୁଟ୍ କରିଥିବା ନେଇ ଏକ ମାମଲା ରହିଛି। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ରେଳବାଇ ପୋଲିସ ସୂଚନା ଦେଇଛି।

## ବିଜୁ ବାବୁଙ୍କ ପ୍ରତି ଭାଜପା ଏମ୍‌ପିଙ୍କ ମନ୍ତବ୍ୟର ପ୍ରତିବାଦ


ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସମ୍ବଲପୁର,୩୧।୩(ବି.ଶଙ୍କର)

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ହୀନ ମନ୍ତବ୍ୟର ପ୍ରତିବାଦ କରିଛି ସମ୍ବଲପୁର ବିଜୁ ଯୁବ ଛାତ୍ର ଜନତା ଦଳ। ମଙ୍ଗଳବାର ସମ୍ବଲପୁର ଗୋଲବଜାର ଛକଠାର ଏମ୍‌ପି ଦୁବେଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦୋଷ ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ବରିଷ୍ଠ ନେତା ବସନ୍ତ ମିଶ୍ର, ସୁରୁବାବୁ ମେହେର, ବେଣୁଧର ଦାଶ, ଏମଡି ସନାଉଲ୍ଲା, ସତ୍ୟେନ୍ଦ୍ର ଦାସ, ଗୋକୁଳ ମେହେର, ଧର୍ମରାଜ ମରେଇ, ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପ ସଭାନେତ୍ରୀ ଉଷା ପ୍ରଧାନ, ଜିଲା ସଭାନେତ୍ରୀ ସଂଯୁକ୍ତା ମେହେର, ସୁରେଖା ସାହୁ, ରୁପାଞ୍ଜଳି ରଣବିଡା, ଙ୍କ ସମେତ ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଏବଂ କର୍ମୀ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ବିକାଶ ସ୍କୁଲ ଦଳ ଚାମ୍ପିୟନ

- ଆନ୍ତଃବିକାଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର,୩୧।୩(ବି.ଶଙ୍କର)

ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ଆନ୍ତ ବିକାଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମ୍ବଲପୁର ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଭୁବନେଶ୍ୱର ବିକାଶ ରେସିଡେନସିଆଲ ସ୍କୁଲ ଓ ବିକାଶ ଦ କନସେପ୍ଟ ସ୍କୁଲ ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଦଳ ଟସ୍ ଜିଣି ୧୨ ଓଭରରେ ୮୨ ରନ୍ କରିଥିଲା। ଜବାବରେ ସମ୍ବଲପୁର ଦଳ ୧୨ ଓଭରରେ ୭୭ ରନ କରିଥିଲା। ଫଳରେ ଭୁବନେଶ୍ୱରର ବିକାଶ ରେସିଡେନ୍‌ସିଆଲ ସ୍କୁଲ ଚାମ୍ପିୟନ ଘୋଷିତ ହୋଇଥିଲେ। ସମ୍ବଲପୁର ବିକାଶ ଦ କନ୍‌ସେପ୍ଟ ସ୍କୁଲ ରନର ଅପ ଟ୍ରଫି ହାସଲ କରିଥିଲା। ସମ୍ବଲପୁର ଦଳର ସୁନୀଲ କୁମାର ସିଂହ ଶ୍ରେଷ୍ଠ ବୋଲର, ବିକାଶ ଭୁବନେଶ୍ୱର ରେସିଡେନସିଆଲ ସ୍କୁଲର ଭରତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଲକ୍ଷ୍ମୀ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ଅଧକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲ ଭାରପ୍ରାପ୍ତ ଅଧକ୍ଷ ଦିବ୍ୟସିଂହ ମହାନ୍ତ, ବିକାଶ ନର୍ସିଂ କଲେଜ ଅଧକ୍ଷ ଈଶ୍ୱର ନାଗଙ୍କ ଉପସ୍ଥିତିରେ ପୁରସ୍କୃତ କାର୍ଯ୍ୟକ୍ରମ ହୋଇଥିଲା। ପ୍ରେମରାଜ ବଘାରଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ହୋଇଥିଲା।

## ହୀରାକୁଦ ଡ୍ୟାମ୍ ମଜଦୁର ସଂଘର ବୈଠକ

ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)

ହୀରାକୁଦ ଡ୍ୟାମ ମଜଦୁର ସଂଘ ପକ୍ଷରୁ ଶ୍ରମିକମାନଙ୍କ ବିଭିନ୍ନ ଦାବିକୁ ନେଇ ଆସନ୍ତା ଏପ୍ରିଲ ୩ରେ ଏକ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ହେବ। ଏଥିରେ ସଂଘ ପକ୍ଷରୁ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ ଉପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯିବ ବୋଲି ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାଢୀ ସୂଚନା ଦେଇଛନ୍ତି। ମଙ୍ଗଳବାର ବୁର୍ଲାସ୍ଥିତ ଭାରତୀ କ୍ଲବ ପଡ଼ିଆରେ ସଂଘ ପକ୍ଷରୁ ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସଂଘ ସଭାପତି ପୂର୍ଣ୍ଣାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହୀରାକୁଦ ଡ୍ୟାମ୍ ପ୍ରକଳ୍ପ, କ୍ୱାଲିଟି ରିସର୍ଚ୍ଚ ସେଣ୍ଟର, ମୁଖ୍ୟ ବନ୍ଧ ବିଭାଗ ସମେତ ଅଞ୍ଚଳର ବିଭିନ୍ନ ସରକାରୀ ଶ୍ରମିକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

## ମିସ୍ ବସ୍ତର ବିଜେତା ସୁଶ୍ରୀ ପ୍ରିୟା ସମ୍ବର୍ଦ୍ଧିତ

ସମ୍ବଲପୁର,୩୧।୩(ବି.ଶଙ୍କର)

ସେବା ସାମାଜିକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସେବା ସଭାପତି ଦୀପକ ପାଣ୍ଡେଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ନିହାଲ ସିଂ ମୁଖ୍ୟ ଅତିଥି, ଆକାଶବାଣୀ ସମ୍ବଲପୁର ଗୀତିକାର ଶିବଶଙ୍କର ପ୍ରଧାନ, ଗଣ୍ଡା ସମାଜ କଲ୍ୟାଣ ପରିଷଦ ସମ୍ପାଦକ ଅମିନ ମହାନନ୍ଦ, ଭରସା ପରିବାର ସମ୍ପାଦକ ମମିନା ଖାତୁନ, ଆଇନଜୀବୀ ଅନୀଲ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛତିଶଗଡ଼ ମିସ୍ ବସ୍ତର -୨୦୨୬ ବିଜେତା ସୁଶ୍ରୀ ପ୍ରିୟା ଧିମାନକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ନିଳାବତି ତାଣ୍ଡି, ବବୁଲୁ ଟାଁର, ଯମୁନା ଶିକା, ପିଙ୍କି ଲୁହା, ମିନାକ୍ଷୀ ରାଉତ ସହଯୋଗ କରିଥିଲେ। ସୁଶ୍ରୀ ପ୍ରିୟା ଗତବର୍ଷ ମିସ୍ ଓଡ଼ିଶାରେ ବିଜେତା ହୋଇଥିଲେ। ଚଳିତ ବର୍ଷ ଛତିଶଗଡ଼ରେ ବିଜେତା ହୋଇ ସମ୍ମାନିତ ହୋଇ ଆସିଥିବାରୁ ସମ୍ବଲପୁର ଅଞ୍ଚଳ ଗର୍ବିତ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।


ମିସ୍ ବସ୍ତର-୨୦୨୬ ବିଜେତା ସୁଶ୍ରୀ ପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅଗ୍ନିଶମ ବିଭାଗର ସଚେତନତା ମକ୍‌ଡ୍ରିଲ୍

ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହରର ବ୍ୟସ୍ତବହୁଳ ସିଟି ସେଣ୍ଟର ମଲ୍‌ରେ ମଙ୍ଗଳବାର ଅଗ୍ନିଶମ ବିଭାଗ, ମହାନଗର ନିଗମ(ଏସଏମସି) ଏବଂ ମଲ୍ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ସଚେତନତା ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ସହିତ ସୁରକ୍ଷିତ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ଏଠାରେ ଉଦ୍ଧାର କାର୍ଯ୍ୟ ସହିତ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଡାକ୍ତରଖାନା ନେବା ଭଳି ଏକ କୃତ୍ରିମ ପରିବେଶ ସୃଷ୍ଟି କରାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ବ୍ରୋଣ୍ଟୋ ସ୍କାଏଲିଫ୍ଟ ତଥା ଅତ୍ୟାଧୁନିକ ରୋବୋଟିକ୍‌ସ ସେବା ପ୍ରୟୋଗ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସାଧାରଣତଃ ଯେଉଁ ସ୍ଥାନକୁ ଅଗ୍ନିଶମ କର୍ମଚାରୀମାନେ ସହଜରେ ପହଞ୍ଚି ପାରିବେନାହିଁ, ସେଠାରେ ଏହି ରୋବୋଟିକ୍ ମେଶିନ୍ କିଭଳି ନିଆଁକୁ ଆୟତ୍ତ କରି ଲୋକଙ୍କୁ ଉଦ୍ଧାର କରିବ ତାହା ଦେଖିବାକୁ ମିଳିଥିଲା। ଆଗ୍ନିକମାନେ ଉକ୍ତ ଅତ୍ୟାଧୁନିକ ରୋବୋଟିକ ସେବା ମାଧ୍ୟମରେ ବିଶେଷ କରି ବହୁତଳ ବିଶିଷ୍ଟ କୋଠାଘରୁ ଅଗ୍ନି ପୀଡ଼ିତଙ୍କୁ ସୁରକ୍ଷିତ ଉଦ୍ଧାର କରିବା ବୈଷୟିକ କୌଶଳ ପ୍ରଦର୍ଶନ କରାଯାଇଥିଲା। ମଲ୍ କର୍ମଚାରୀଙ୍କୁ ଅଗ୍ନି ନିର୍ବାପନ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। ଏସ୍‌ଏମ୍‌ସି ଉପାୟୁକ୍ତ ଶଙ୍କର ପ୍ରସାଦ ସାହୁଙ୍କ ସୂଚନା ଅନୁସାରେ ଜନସାଧାରଣଙ୍କୁ ସଚେତନ କରିବା ସହ ଅଗ୍ନିଶମ ବାହିନୀର ପ୍ରସ୍ତୁତି ପରଖିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଅଗ୍ନିଶମ ବିଭାଗ ପକ୍ଷରୁ ନୂତନ ଭାବେ ସାମିଲ ହୋଇଥିବା ରୋବୋଟିକ୍ ମେଶିନ ଏବଂ ଆଡଭାନ୍ସ ରେସକ୍ୟୁ ଟେଣ୍ଡର(ଏଆରଟି)ର ବ୍ୟବହାର ପ୍ରଦର୍ଶିତ ହୋଇଥିଲା। ମଲ୍ ମାଲିକ ମାଧବ ଡାଲମିଆ କହିଛନ୍ତି, ମଲ୍‌ରେ ସମସ୍ତ ଅଗ୍ନି ନିର୍ବାପକ ଉପକରଣ ଉପଲବ୍ଧ ରହିଛି। ଏହି ଅବସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ଏଥିପାଇଁ ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ତଥା ନିଆଁକୁ ଆୟତ୍ତ ଓ ସୁରକ୍ଷିତ ଉଦ୍ଧାର କାର୍ଯ୍ୟ ପରିଚାଳନା ନେଇ ପ୍ରଶିକ୍ଷଣ ଦିଆଯାଇଛି। ସମ୍ବଲପୁର ଅଗ୍ନିଶମ ଅଧିକାରୀ ଦୁଦାମ ଚନ୍ଦ୍ର କିସ୍କୁ ଜନସାଧାରଣଙ୍କୁ ନିଆଁ ଲାଗିବା ସମୟରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।


ମଲ୍‌ରେ ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବାହିନୀ।

### ଅତ୍ୟାଧୁନିକ ରୋବୋଟିକ୍ ସେବାର ପ୍ରଦର୍ଶନ

# କଳିକା କେନ୍ଦ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ଲହୁଣୀପଡ଼ା, ୩୧।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ମିଶନ ଶକ୍ତି ଗୃହଠାରେ ମଙ୍ଗଳବାର କଳିକା କେନ୍ଦ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲହୁଣୀପଡା ମିଶନ ଶକ୍ତି ବିପିସି ଅଜିତ କୁମାର କେରକେଟା ଯୋଗଦେଇଥିବା ବେଳେ ନିୟତି ଫାଉଣ୍ଡେସନ ପ୍ରୋଗ୍ରାମ କୋର୍ଡିନେଟର ଚିତ୍ତରଞ୍ଜନ ହେମ୍ବ୍ରମ, ପ୍ରୋଗ୍ରାମ ମ୍ୟାନେଜର ନୃସିଂହ ଚରଣ ମାହାନ୍ତ, ସୁପରଭାଇଜର୍ ପ୍ରତାପ କୁମାର ମାହାନ୍ତ, ମମତା ନାୟକ ଓ ସୌମ୍ୟରଞ୍ଜନ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତାପ କୁମାର ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ନିୟତି ଫାଉଣ୍ଡେସନ ତରଫରୁ ଲହୁଣୀପଡ଼ା ବ୍ଲକର ମୋଟ ୭୩ଟି କେନ୍ଦ୍ର ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣରେ ମୋଟ ୨୧ଟି କଳିକା କେନ୍ଦ୍ରର ୪୨ ଜଣ କଳିକା କର୍ମୀ ଶିବିରରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଏହି ଶିବିରରେ ଜଡିବାହଲ, ତଳଗିନିଆ-୧, ତଳଗିନିଆ-୨, ବରଗୁଡ଼ା, ରାଇକେଲାପୋଷ, ସାଧୁବାହାଳ-୨, ଶଙ୍ଖପୋଷ, କେନାପାଲି, ପାରାଗପୋଷ, ବନ୍ଧବେର୍ଣ୍ଣା, ବୁଢ଼ାଖମଣ, ଉପରତସଡା, କପଣ୍ଡ-୨, ରଘୁଆପୋଷ, ମାଦଳିଆ, ଧୋକାମୁଣ୍ଡା, ନିଶିନ୍ତପୁର, ଭାଲିଆଡିହି (କୁର୍ଣ୍ଡା), ଭାଲିଆଡିହି (ଶଙ୍ଖପୋଷ), ରେଙ୍ଗାଲବେଡା, ତାଳବାହାଲି କଳିକା କେନ୍ଦ୍ରର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ଶିବିର ୪ ଦିନ ପର୍ଯ୍ୟନ୍ତ ଚାଲିବ।

# ମହାବୀର ଜୟନ୍ତୀ ପୂର୍ବରୁ ଶୋଭାଯାତ୍ରା

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ମହାବୀର ଜୟନ୍ତୀ ଅବସରରେ ମଙ୍ଗଳବାର ରାଉରକେଲା ସହରରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୈନ ସମାଜର ଶହ ଶହ ମହିଳା ପୁରୁଷ ଏବଂ ଯୁବକ ଏଥିରେ ସାମିଲ ହୋଇଥିଲେ। ସକାଳ ୯ଟାରେ ମଧୁସୂଦନ ମାର୍ଗ ଅମର ଭବନରୁ ଶୋଭାଯାତ୍ରା ବାହାରି ପାୱାରହାଉସ ଛକ ନିକଟସ୍ଥ ଜୈନ ମନ୍ଦିରରେ ପହଞ୍ଚିଥିଲା। ମନ୍ଦିରରେ ପ୍ରଭୁ ମହାବୀରଙ୍କ ପୂଜା କରାଯାଇଥିଲା। ଏହି ପୂଜାରେ ବିମଳ ଜୈନ, ମୁରଲୀ ମୋହନ ଜୈନ, ପବନ ଜୈନ, ସୁରେନ୍ଦ୍ର ଜୈନ, ଦିନେଶ ଜୈନଙ୍କ ସମେତ ସମାଜର ଲୋକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ପୁରୁଷ।

# ପିଏମ୍‌ଶ୍ରୀ ସ୍କୁଲରେ ବିଜ୍ଞାନଭିତ୍ତିକ କର୍ମଶାଳା

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ବିଜ୍ଞାନ ଭିତ୍ତିକ ଆଲୋଚନାଚକ୍ର, ବିଜ୍ଞାନ ଓ ସମାଜ ଉପରେ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷିକା ନିରୁପମା ପତିଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ମୟାଙ୍କ ଯାଦବ ମୁଖ୍ୟ ଅତିଥି, ଏନ୍‌ଆଇଟି ପ୍ରଫେସର ଡ. ଜଗନ୍ନାଥ ପାଢୀ ମୁଖ୍ୟ ବକ୍ତା, ସମୀର ରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସରୋଜ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଛବିରାଣୀ ପ୍ରଧାନ, ନିବେଦିତା ସାହୁ, ଶକୁନ୍ତଳା ଦାଶ, ମିନତୀ ଖମାରୀ, ପୂଜା ସ୍ୱାଇଁ, ହରିଶଙ୍କର କାମିଲା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଦେଇମୁଣ୍ଡାରେ ମହିଳା ଦିବସ

**କୁତ୍ରା, ୩୧।୩(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ଗ୍ରାମପଞ୍ଚାୟତରେ ମହିଳା ଦିବସ ପାଳନ କରାଯାଇଛି। ପଞ୍ଚାୟତର ସରପଞ୍ଚ ସୁଧିର ମିଞ୍ଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ମହିଳାମାନେ ସକ୍ରିୟ ଭାଗ ନେଇଥିଲେ। ମହିଳା ସଶକ୍ତିକରଣ, ସ୍ୱାଭିମାନ ଓ ସ୍ୱାଧୀନତା ବିଷୟରେ ଅତିଥିମାନେ ନିଜ ମତାମତ ପ୍ରକାଶ କରିଥିଲେ। ମହିଳା ନେତ୍ରୀ ତରୁଣୀଲତା ସୁନାନୀ ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ୱାବଲମ୍ବନରେ ଆଗୁଆ ହେବା ପାଇଁ ପ୍ରେରିତ କରିଥିଲେ। ବ୍ୟାଙ୍କ ମିତ୍ର କଲ୍ୟାଣୀ ସା ମହିଳାମାନଙ୍କୁ ସଞ୍ଚୟ ଓ ବ୍ୟାଙ୍କ ସେବା ବିଷୟରେ ସଚେତନ କରିଥିଲେ। କିଶାନସାଥି ଫାଉଣ୍ଡେସନର ଅମୂଲ୍ୟ ପ୍ରତାପ ଲାକଡା ଗ୍ରାମୀଣ ମହିଳାଙ୍କ ଉନ୍ନତିରେ ସମୂହ ଭୂମିକାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମିତି ସଭ୍ୟ ରାଜକୁମାର ମାଝୀ, ଏମବିକେ, ସିଆରପି, ୱାର୍ଡ ସଭ୍ୟାସଭ୍ୟ ସମେତ ଗ୍ରାମର ବହୁ ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।



# କଟଙ୍ଗ ସେବାଶ୍ରମର ବାର୍ଷିକ ଉତ୍ସବ


ସେବାଶ୍ରମ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**କୁତ୍ରା, ୩୧।୩(ଦେବାଶିଷ ସାହୁ)** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ସେବାଶ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଧରଣୀଧର ଅଡାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଇଓ ଅନନ୍ତ କୁମାର ନାଏକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ, ସମ୍ମାନିତ ଅତିଥି ଭାବରେ ଏବିଇଓ ନିରଞ୍ଜନ ରାଉଳ, ରାଜ୍ୟ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ଓ ଶିକ୍ଷା ଅଧିକାର ସଂଘ ସଭାପତି ଚନ୍ଦ୍ରମଣି ତାଜନ, ଜିଲା ସମ୍ପାଦକ ଶେଷଦେବ ନନ୍ଦ, କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳୀନିକାନ୍ତ ସାସନି, ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ବ୍ଲକ ମଙ୍ଗଳ ଅଧିକାରିଣୀ ବିନିରାଣି ସୋରେଙ୍ଗ, ଦଳକି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକ, କଟଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ପ୍ରେମକାନ୍ଦ ମହାନନ୍ଦିଆ, ବଡଗାଁ ଡବ୍ଲ୍ୟୁଇଓ ଦିଲୀପ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବା ସହିତ ଚରିତ୍ରବାନ ହେବା ଏବଂ ଶୃଙ୍ଖଳିତ ଜୀବନ ଲାଗି ଉପଦେଶ ଦେଇଥିଲେ। ପରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସୁମିତ୍ରା ମାଝୀ ଧନ୍ୟବାଦ ଦେଇଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲାଞ୍ଚ ମାମଲାରେ ପୂର୍ତ୍ତ ବିଭାଗର ପୂର୍ବତନ ମୁଖ୍ୟ କିରାଣିଙ୍କୁ ୪ବର୍ଷ ଜେଲ

**ସୁନ୍ଦରଗଡ଼,୩୧।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ମଙ୍ଗଳବାର ଏକ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାଉରକେଲା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପୂର୍ବତନ ମୁଖ୍ୟ କିରାଣି ସୁବାସ ଚନ୍ଦ୍ର ଦାସଙ୍କୁ ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ କିରାଣି ଦାସ ଗତ ୧୬।୧।୨୦୧୭ରେ ଅଭିଯୋଗକାରୀ ରବି ଭୂୟାଁଙ୍କ ଠାରୁ ତାଙ୍କର ନାରାୟଣ ସାବ୍ୟସ୍ତ ସିକ୍ୟୁରିଟି ଜମା ରାଶି ୪୧ହଜାର ୧୯୦ଟଙ୍କା ଫେରସ୍ତ ପାଇଁ ଦେଢହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ସୋମବାର କୋର୍ଟ ତାଙ୍କୁ ଏହି ମାମଲାରେ ଦୋଷୀ କରିଥିବାବେଳେ ମଙ୍ଗଳବାର ଏହି ଦଣ୍ଡ ରାୟ ଶୁଣାଣି କରିଛନ୍ତି। ଦଣ୍ଡ ବିଧାନ ପରେ କୋର୍ଟ ଅଭିଯୁକ୍ତ ପୂର୍ବତନ ମୁଖ୍ୟ କିରାଣୀ ଦାସଙ୍କୁ ଜେଲ ହାଜତକୁ ପଠାଇ ଦେଇଛନ୍ତି। ରାଉରକେଲା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଇନିସ୍‌ପେକ୍ଟର ଭାସ୍କର ଚନ୍ଦ୍ର ପୁଷ୍ଟି ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିବାବେଳେ ସରକାରଙ୍କ ତରଫରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ଓ ଉଦିତ ବଟୁଶର୍ମା ମାମଲା ପରିଚାଳନା କରିଥିଲେ।


ସୁବାସ ଚନ୍ଦ୍ର ଦାସ







# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**କୁତ୍ରା, ୩୧।୩(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ମଙ୍ଗଳବାର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ମୀନା ସୋନି ହିନ୍ଦୀ ବିଭାଗର ମୁଖ୍ୟା, ପୂଜା ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ତବସୁମ ବାନୋ ଏହାର ଆୟୋଜନ କରିଥିଲେ। ଅଧ୍ୟାପିକା ପଙ୍କଜିନୀ ପଟେଲ, ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଏବଂ ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଅଧ୍ୟାପିକା ଶ୍ରୀମତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



# ପିଲାଙ୍କ ଲାଳନପାଳନ ସହାୟତା ମାଗିଲେ

ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଏକ କ୍ୟାମ୍ପ କୋର୍ଟ ଏବଂ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଜନଶୁଣାଣିରେ ଏକ ସାଧାରଣ ଦୃଶ୍ୟ ବେଶ୍ ବିଚଳିତ କରିଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ବହୁସଂଖ୍ୟକ ଅନାଥ ଓ ଅସହାୟ ପିଲାଙ୍କ ଲାଳନପାଳନ ତଥା ଗୁଣାତ୍ମକ ଶିକ୍ଷା ଯୋଗାଇବା ଦିଗରେ ଅସହାୟ ମା'ମାନେ କିଭଳି ବିକଳ ସ୍ଥିତିର ସମ୍ମୁଖୀନ ହେଉଛନ୍ତି ତାହା ଦେଖାଯାଇଥିଲା। ବହୁ ମହିଳା ନିଜର ଅସହାୟତା ସମ୍ପର୍କରେ ଆୟୋଗକୁ ଜଣାଇ ଏହାର ସମାଧାନ ପାଇଁ ହାରିଗୁହାରି କରିଥିଲେ। ନିଜ ପିଲାଛୁଆଙ୍କ ଭବିଷ୍ୟତ ଗଢ଼ିବା ଦିଗରେ ସରକାରୀ ସହାୟତା ଯୋଗାଇ ଦେବାକୁ ସେମାନେ ଆୟୋଗଙ୍କୁ ଅନୁରୋଧ କରିଥିଲେ। ଆୟୋଗ ଅଧକ୍ଷା ବବିତା ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପ କୋର୍ଟ ଏବଂ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅତିରିକ୍ତ ଜିଲାପାଳ ତଥା ଜିଲାର ନୋଡାଲ ଅଫିସର ଡ. ବିଜୟାନନ୍ଦ ସେଠୀ ସ୍ୱାଗତ ବକ୍ତବ୍ୟ ଦେବା ସହ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା କସ୍ତୁରୀ ମିଶ୍ର ଓ ମନୋସ୍ମିତା ଖୁଣ୍ଟିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଓ ମହମ୍ମଦ ରହେମାନ୍ ଅବଦୁଲ ଉପସ୍ଥିତ ଥିଲେ। ଜନଶୁଣାଣିରେ ୯୦ଟି ସାଧାରଣ ଅଭିଯୋଗର ଶୁଣାଣି କରାଯାଇଥିଲା ଏବଂ କ୍ୟାମ୍ପ କୋର୍ଟରେ ୨୧ଟି ନିଜ ତରଫରୁ ପଞ୍ଜୀକୃତ ମାମଲାଗୁଡ଼ିକର ଶୁଣାଣି ହୋଇଥିଲା। ଜନଶୁଣାଣିରେ ବାପ ଛେଡଣ୍ଡ ହେବା ପରେ ମା'ମାନେ କିଭଳି ନିଜର ଛୋଟ ଶିଶୁଙ୍କ ଯତ୍ନ ଏବଂ ଲାଳନପାଳନ ଦିଗରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆୟୋଗକୁ ଜଣାଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଅନେକ ଗୃହିଣୀ କୌଣସି ପ୍ରକାର ଚାକିରି କି ବ୍ୟବସାୟରେ ସମ୍ପୃକ୍ତ ନ ଥିବାରୁ ପିଲାଛୁଆଙ୍କୁ ଲାଳନପାଳନ ବେଳେ କିଭଳି ଅସୁବିଧା ଭୋଗୁଛନ୍ତି ଜଣାଇଥିଲେ। ଆୟୋଗ ଏ ଦିଗରେ ବିଭିନ୍ନ ସରକାରୀ ଯୋଜନାରେ ସେଭଳି ମହିଳାଙ୍କୁ ସାମିଲ କରି ସ୍ୱାବଲମ୍ବୀ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ସମସ୍ୟା, ଶିଶୁ ଶ୍ରମିକ, ବଳିପ୍ରଥା, ବାଲ୍ୟ ବିବାହ, ଡ୍ରପ୍ ଆଉଟ୍, ଶିଶୁ ଏବଂ ମହିଳା ଚାଲାଣ, ଭିକ୍ଷାବୃତ୍ତି ଏବଂ ମାଟ୍ରିକ୍ ପରୀକ୍ଷାରେ ୭ ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ସମ୍ପର୍କରେ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସବୁ ଦିଗରେ ଆୟୋଗ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିବା ସହ ଜିଲାସ୍ତରୀୟ ଅଧିକାରୀଙ୍କୁ ଉଚିତ୍ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଦାଦନ ଶ୍ରମିକ ସମସ୍ୟା ଯୋଗୁ ଜିଲାର ରାଜ୍ୟ ବାହାରକୁ ଯାଉଥିବା ପିଲାଙ୍କ ପାଠପଢ଼ା, ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଏବଂ ଲୋୟର ସୁକ୍‌ତେଲ ବିସ୍ଥାପନ ସମସ୍ୟା କାରଣରୁ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ବିସ୍ଥାପିତ ଶିଶୁମାନଙ୍କ ପାଠପଢ଼ା ବନ୍ଦ ହେବା ଉପରେ ଆୟୋଗ ଅଧକ୍ଷା ପାତ୍ର ଉଚିତ୍ ପଦକ୍ଷେପ ନେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜିଲାର ବିଭିନ୍ନ ଥାନାରେ ଥିବା ୨୧ଟି ମାମଲାର ଶୁଣାଣି କରି କ୍ୟାମ୍ପ କୋର୍ଟ ଜରିଆରେ ନିର୍ଦ୍ଦେଶ ଜାରି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପି. ନାଗ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ଶିଶୁ ମଙ୍ଗଳ ସମିତିର ଲୀନ ବାବୁ, ଏସ. ଲତାଶ୍ରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଡିସିପିୟୁ ଅଫିସର ସୁଧାଂଶୁ ଶେଖର କୁମ୍ଭାର, ଦିଗମ୍ବର କର, ଆଶିଷ ନାୟକ, ସାମାଜିକ କର୍ମୀ ଅରୁଣ କୁମାର ଖୁଆସ, ହରିବନ୍ଧୁ ରାଉତ୍, ପ୍ରମୋଦ ବଗର୍ତ୍ତୀ ଉପସ୍ଥିତ ଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା କ୍ୟାମ୍ପ କୋର୍ଟ ଓ ଜନଶୁଣାଣିରେ ଆୟୋଗ ଅଧକ୍ଷା, ସଦସ୍ୟ ଓ ମଞ୍ଚାସୀନ ଅଧିକାରୀ।

- ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର କ୍ୟାମ୍ପ କୋର୍ଟ ଓ ଜନଶୁଣାଣି
- ୯୦ ସାଧାରଣ ଅଭିଯୋଗ, ୨୧ ମାମଲାର ଶୁଣାଣି
- ଅସହାୟ ଶିଶୁଙ୍କ ସହାୟତା ଆଶାରେ ଆସିଥିଲେ ବହୁ ଅଭିଭାବକ
- ଅସହାୟ ମହିଳାଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଲେ

# ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଜୟନ୍ତୀ

ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ପାର୍କ ପରିସରରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୪ତମ ଜୟନ୍ତୀ ମଙ୍ଗଳବାର ପାଳନ କରାଯାଇଥଲା। ଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଯୋଗଦାନ କରିଥିଲେ। ଅତିଥିମାନେ ସ୍ୱର୍ଗତ ମହାରାଜା ରାଜେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଲାଙ୍ଗୀର ସମେତ ସମଗ୍ର ଓଡିଶାର ବିକାଶ ଦିଗରେ ସ୍ୱର୍ଗତ ମହାରାଜା ସିଂଦେଓଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ କହିଥିଲେ। ସାଧାରଣ ମଣିଷଙ୍କ ଭାବନାକୁ ସମ୍ମାନ ଜଣାଇବା ସହ କଳା, ସଂସ୍କୃତିର ବିକାଶ ଦିଗରେ ସେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। ଓଡିଶାକୁ ଏକ ବିକଶିତ ରାଜ୍ୟ କରିବାର ସ୍ୱପ୍ନ ଦେଖିଥିଲେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ପୌର କାଉନସିଲର ନନ୍ଦିନୀ ପୋଢ଼, ଶମ୍ଭୁ ନାଗ, ମହେନ୍ଦ୍ର ବାଗ, ଶତ୍ରୁଘ୍ନ ବାଗ, ଲଳାଟେନ୍ଦୁ ପଟ୍ଟନାୟକ, ଗଙ୍ଗା ଚାନ୍ଦ, ସ୍ମୃତି କମିଟିର ସନ୍ଦୀପ କୁମାର କୁଅଁର, ଶରତ ଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ, ବିଜେଡି ନେତା ଲକ୍ଷ୍ମଣ କୁମାର ମେହେରଙ୍କ ସମେତ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଖଡ଼ିଆଳ,୩୧।୩ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ପୋଲିସ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭୁଲିଆସିକୁଆଁ ଗ୍ରାମର ନିଲୁ ବାରିକ (୩୨)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭୁଲିଆସିକୁଆଁ ଗ୍ରାମରେ ଗତ ଫେବୃଆରୀ ୨୨ରେ ୨୨ବର୍ଷୀୟା ଯୁବତୀଙ୍କ ବିବାହ ଚାଲିଥିବା ବେଳେ ନିଲୁ ଓ ତାଙ୍କର ଜଣେ ସହଯୋଗୀ ସେଠାରେ ପହଞ୍ଚି ଯୁବତୀଙ୍କୁ ନେଇଯାଇଥିଲେ। ନିଲୁ ଯୁବତୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଶାରୀରିକ, ମାନସିକ ନିର୍ଯାତନା ସହ ବଳାତ୍କାର କରିଥିଲେ। ପରେ ସେ ଗତ ମାର୍ଚ୍ଚ ୯ରେ ଯୁବତୀଙ୍କୁ ଖଡ଼ିଆଳ ସହରରେ ଛାଡି ଫେରାର ହୋଇଯାଇଥିଲେ। ଯୁବତୀ ଜଣକ ଘରେ ସମସ୍ତ ବିଷୟ କହିବା ପରେ ପରିବାର ଲୋକେ ନିଲୁଙ୍କ ଘରକୁ ଯାଇ ଯୁବତୀଙ୍କୁ ବିବାହ କରିବାକୁ ଅନୁରୋଧ କରିଥିଲେ। ହେଲେ ପୁଅର ମା'ବାପା ଏଥିରେ ଅରାଜି ହୋଇଥିଲେ। ଶେଷରେ ଯୁବତୀ ଜଣକ ଗତ ୧୨ରେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୫/୨୬) ରୁଜୁକରି ତଦନ୍ତ ଚଳାଇଥିଲା। ସୋମବାର ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରି ନିଲୁଙ୍କୁ ଗିରଫ କରିଥିଲା। ଏହି ଘଟଣା ଜାତିଆଣ ଭିତ୍ତିକ ହୋଇଥିବାରୁ ପୁଅର ମା'ବାପା ଓ ନିଲୁଙ୍କ ସହଯୋଗୀଙ୍କୁ ନୋଟିସ କରାଯାଇଛି।

# ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

କୋକସରା,୩୧।୩
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ମାଝୀଗୁଡା ଗ୍ରାମ ବଡରଣାପଡ଼ାର ଜଣେ ମହିଳାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଲଳିତ ରଣାଙ୍କ ସ୍ତ୍ରୀ ହାରା ରଣା (୬୫)। ହାରା ମଙ୍ଗଳବାର ସକାଳୁ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ପାଣି ଭିତରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ କୋକସରା ଥାନାକୁ ଖବର ଦେଇଥିଲେ। ପୋଲିସ ସହ ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ କୋକସରା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି।

# ସୁନା ଠକେଇ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ବଲାଙ୍ଗୀର,୩୧।୩
(ବୀରେନ୍ଦ୍ର କୁମାର ଝାଙ୍କର)

ନକଲି ସୁନା ଦେଇ ଠକେଇ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ବଲାଙ୍ଗୀର ସଦର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଟଣାଗଡର ଜଳନ୍ଧର କୁମ୍ଭାର (୩୦)। ଅଭିଯୁକ୍ତ ଜଳନ୍ଧରଙ୍କୁ ପୋଲିସ ସୋନପୁରରୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା କରିବା ପରେ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ବଲାଙ୍ଗୀର ସଦର ଥାନାରେ ରୁଜୁ ହୋଇଥିବା ମାମଲା (ନଂ ୫୬୭/୨୨)ରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ପୂର୍ବରୁ ଗିରଫ କରିଥିଲା।









# ସୁବର୍ଣ୍ଣପୁର ଡିଆରସିଏସ୍ ନିଲମ୍ବିତ

**ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଡିଆରସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ମଙ୍ଗଳବାର ନିଲମ୍ବନ କରିଛନ୍ତି। ଓଡିଶା ସିଭିଲ ସର୍ଭିସେସ୍ ନିୟମ-୧୨ର ଉପନିୟମ(୧)ର ଧାରା(କ) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ଡିଆରସିଏସ୍ ଡ. ତ୍ରିପାଠୀଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ତ୍ରିପାଠୀଙ୍କ ମୁଖ୍ୟାଳୟ ସମ୍ବଲପୁର ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟ ସ୍ଥିର ହୋଇଛି। ଭୁବନେଶ୍ୱର ଆରସିଏସ୍‌ଙ୍କ ପୂର୍ବ ଅନୁମତି ବିନା ତ୍ରିପାଠୀ ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ରହିଛି। ସେହିପରି ସୋନପୁର ସର୍କଲର ଏଆରସିଏସ୍ ଭବାନୀ ଶଙ୍କର ଦାଶ ଭାରପ୍ରାପ୍ତ ସୁବର୍ଣ୍ଣପୁର ଡିଆରସିଏସ୍ ଦାୟିତ୍ୱରେ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ନିଯୁକ୍ତି ଦୁର୍ନୀତି ହୋଇଥିଲା। ସମ୍ପାଦକ, ପିଅନ ଓ ରାତ୍ର ଜଗୁଆଳି ଚଞ୍ଚକତା କରି ନିଜ ପୁଅ ଓ ଜ୍ୱାଇଁଙ୍କୁ ସେହି ପଦବୀରେ ନିଯୁକ୍ତି ଦେବାରେ ସଫଳ ହୋଇଥିଲେ। ଡିଆରସିଏସ୍ ଡ. ତ୍ରିପାଠୀ ଏଥିରେ ସହଯୋଗ କରିଥିଲେ। ଧରିତ୍ରୀରେ

### ବେଆଇନ ନିଯୁକ୍ତିକୁ ପ୍ରଶାସନିକ ଅନୁମୋଦନ ଦେଇଥିଲେ


ଡ. ସଞ୍ଜୟ କୁମାର ତ୍ରିପାଠୀ।

ଏହି ଦୁର୍ନୀତି ସମ୍ପର୍କରେ ଲଗାତାର ତଥ୍ୟ ଭିତ୍ତିକଖବର ପ୍ରକାଶ ପାଇବା ପରେ ସମବାୟ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ପରିବାରବାଦକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଘଟଣାକୁ ନେଇ ଡିଆରସିଏସ୍ ଡ. ତ୍ରିପାଠୀଙ୍କୁ କୈଫିୟତ ତଲବ କରିବା ସହ ନିଯୁକ୍ତି ସମ୍ପର୍କିତ ଫାଇଲ ମାଗିଥିଲେ। ବେଆଇନ ନିଯୁକ୍ତିକୁ ନେଇ ଖୋଳତାଡ ପରେ ଆଗକୁ ଅଡୁଆ ବଢିବାର ସମ୍ଭାବନା ଥିବାରୁ ଥଇଥାନ ନିଯୁକ୍ତିକୁ ଡିଆରସିଏସ୍ ଡ. ତ୍ରିପାଠୀ ରଦ୍ଦ କରିଥିଲେ। ତେବେ ଏହି ନିର୍ଦ୍ଦେଶକୁ ଅଞ୍ଚଳର ଚାଷୀ ଓ ଗ୍ରାମବାସୀ ବିରୋଧ କରିବା ସହ ଡିଆରସିଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

**ଧରିତ୍ରୀ ପ୍ରଭାବ**

ମରାଡୁଗୋଛା ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶ, ରାତ୍ର ଜଗୁଆଳି ମକୁନ୍ଦ ନାଏକ ଓ ପିଅନ ମନୋଜ ଦାସ ନିଜ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ ପରେ ଯୋଜନା ଅନୁଯାୟୀ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନବୀନ, ମକୁନ୍ଦ ଓ ମନୋଜ ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ପ୍ରସ୍ତାବକୁ ପର୍ଯ୍ୟାଲୋଚନା ନକରି, ସରକାରଙ୍କ ନିୟମକୁ ଅଣଦେଖା କରି ଡିଆରସିଏସ୍ ନିଯୁକ୍ତି ପ୍ରସ୍ତାବକୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଗତ ଫେବୃଆରୀ ୧୯ ତାରିଖରେ ପାକ୍ସ ସମ୍ପାଦକ, ଜଗୁଆଳି ଓ ପିଅନ ଭିଆର୍‌ଏସ୍ ନେଇଥିଲା ବେଳେ ସେହି ଦିନ ହିଁ ସେମାନଙ୍କ ପରିବାରର ୪ଜଣ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ ଜ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସହସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ପାକ୍ସର ରାତ୍ର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ରାତ୍ର ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍ ପିଅନ ଭାବେ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକଙ୍କ ନିକଟ ସମ୍ପର୍କୀୟଙ୍କୁ ସମ୍ପୃକ୍ତ ପାକ୍ସରେ ନିଯୁକ୍ତି ନ ଦେବା ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ସରକାରଙ୍କ ନିୟମକୁ ଉଲ୍ଲଂଘନ କରି, ନିଯୁକ୍ତି ପାଇଁ କମିଟି ଗଠନ ନ ହୋଇ, ଲୁଚାଛପାରେ ଉତ୍ତରାଧିକାର ସୂତ୍ରରେ ନିଜ ପୁଅ ଓ ଜ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିଲା। ସମ୍ପାଦକଙ୍କ ଜ୍ୱାଇଁ ଅନିଲଙ୍କ ଘର ପାକ୍ସ କାର୍ଯ୍ୟକାରୀ ସୀମା ବାହାରେ ବରଗଡ ଜିଲାରେ। ମାତ୍ର ସମ୍ପାଦକ ନବୀନ ନିଜ କ୍ଷମତାର ଅପବ୍ୟବହାର କରି ତାଙ୍କୁ ସହସମ୍ପାଦକ ଭାବେ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିଲେ। ଏଭଳି ଦୁର୍ନୀତିର ପ୍ରମାଣ ମିଳିବା ପରେ ଡିଆରସିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଡ. ସାହୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ତେବେ ବିଳମ୍ବରେ ହେଉ ପଛେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସାଧରଣରେ ସ୍ୱାଗତ କରାଯାଇଛି।

# ଅବଦୁଲ କଲିମ ଖାଁ ବୌଦ୍ଧ ଜିଲା କଂଗ୍ରେସ ସଭାପତି

**ବୌଦ୍ଧ,୩୧।୩(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ କଂଗ୍ରେସକୁ ମଜଭୁତ କରିବାକୁ ଦଳ ପକ୍ଷରୁ ଜଣେ ଯୁବକଙ୍କୁ ଜିଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ବୌଦ୍ଧ ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ଅବଦୁଲ କଲିମ୍ ଖାଁ (ରାଜା)ଙ୍କୁ ବୌଦ୍ଧ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦଳ ପକ୍ଷରୁ ମଙ୍ଗଳବାର ନିଯୁକ୍ତି ଦିଆଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେ.ସି ବେଣୁଗୋପାଳଙ୍କ ପକ୍ଷରୁ ବୌଦ୍ଧ ଜିଲା ସଭାପତି ଭାବେ କଲିମଙ୍କ ନାମ ପ୍ରେସ ବିଜ୍ଞପ୍ତି ଜରିଆରେ ପ୍ରକାଶ କରାଯିବା ପରେ ତାଙ୍କ ସମର୍ଥକଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଜଣେ ଯୁବ ନେତା ତଥା ସଙ୍ଗଠକ ଭାବେ ସେ ଦୀର୍ଘଦିନ ହେଲା ଦଳ ପାଇଁ କାର୍ଯ୍ୟ କରିଆସୁଥିଲେ। ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଜଣେ ଯୁବ ଚେହେରାଙ୍କୁ ଭରସା କରି ପ୍ରଥମ ଥର ପାଇଁ ଜିଲାରେ କଂଗ୍ରେସ ସଙ୍ଗଠନର ମଙ୍ଗୁଆଳ ଭାବେ ଦଳ ପକ୍ଷରୁ ଜଣେ ଯୁବକଙ୍କୁ ନିଯୁକ୍ତି ଦିଆଯିବା ପରେ ଜିଲାରେ କଂଗ୍ରେସର ସାଙ୍ଗଠନିକ ସ୍ଥିତିରେ ଉନ୍ନତି ଆସିବା ନେଇ ଦଳ ପକ୍ଷରୁ ଆଶା ପ୍ରକାଶ ପାଇଛି।

# ଓଡ଼ିଶା ଦିବସ ପାଇଁ ବାନ୍ଧକଳାରେ ସ୍ୱତନ୍ତ୍ର ଶାଢ଼ି

- ଚର୍ଚ୍ଚାରେ ବୀରମହାରାଜପୁରର ବିନାୟକ ମେହେର
- ଶାଢ଼ିରେ ଓଡ଼ିଶାର ମନ୍ଦିର, କୀର୍ତ୍ତିରାଜି

**ଅମରପାଲି,୩୧।୩(ପୀତାମ୍ବର ସାହୁ)**

ଓଡ଼ିଶା ଦିବସ ପାଇଁ ଏକ ସ୍ୱତନ୍ତ୍ର ଶାଢ଼ୀ ତିଆରି କରି ଏବେ ଚର୍ଚ୍ଚାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଲୟା ପଞ୍ଚାୟତ ଟିକ୍ରାପଡ଼ାର ବିନାୟକ ମେହେର। ଶାଢୀରେ ଓଡ଼ିଶାରେ ବିଭିନ୍ନ ମନ୍ଦିର ଓ କୀର୍ତ୍ତିରାଜିକୁ ବାନ୍ଧ ମାଧ୍ୟମରେ ଡିଜାଇନ କରି ସେ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ବିନାୟକ ମେହେର(୭୨) ଓଡ଼ିଶା ଦିବସ ପାଇଁ ଏକ ସ୍ୱତନ୍ତ୍ର ସମ୍ବଲପୁରୀ ଶାଢୀ ବାନ୍ଧ କାମ ମାଧ୍ୟମରେ କରିବାକୁ ଚିନ୍ତା କରିଥିଲେ। ସେଥିପାଇଁ ସେ ଏହି ଶାଢ଼ୀ ତିଆରି କରିବାକୁ ଲାଗି ପଡ଼ିଥିଲେ। ପ୍ରାୟ ଦଶମାସର ପରିଶ୍ରମ ପରେ ସେ ଏହି ଶାଢ଼ୀକୁ ତିଆରି କରିଛନ୍ତି। ବାନ୍ଧକଳା ମଧ୍ୟରେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଯାଜପୁରର ବିରଜା ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିରର ଚକ୍ର, ଉଦୟଗିରି, ଧଉଳି, ଖଣ୍ଡଗିରି, ଘୁମରା ଲୋକାନୃତ୍ୟ, ବାରବାଟୀ ଦୁର୍ଗ ଓ ପାଇକ ଲଢେଇ ଇତ୍ୟାଦିକୁ ଶାଢିରେ ସ୍ଥାନିତ କରିଛନ୍ତି। ବିନାୟକ ୨୦୧୭ ମସିହାରେ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ଏହି ଶାଢ଼ି ତିଆରି ପାଇଁ ସେ ଦିନକୁ ପ୍ରାୟ ୩ରୁ ୪ ଘଣ୍ଟା ପରିଶ୍ରମ କରୁଥିବାବେଳେ ବୁଣିବା ପାଇଁ ପରିବାରର ଅନ୍ୟ ସଦସ୍ୟମାନେ ସହଯୋଗ କରୁଥିଲେ। ଏହି ଶାଢ଼ିର ମୂଲ୍ୟ ପ୍ରାୟ ୩୫ରୁ ୪୦ହଜାର ଟଙ୍କା ହେବ ବୋଲି ବିନାୟକ କହିଛନ୍ତି।


ସ୍ୱତନ୍ତ୍ର ଶାଢ଼ି ସହ ବିନାୟକ ମେହେର।

# ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

**ଡୁଙ୍ଗୁରିପାଲି,୩୧।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସମୀକ୍ଷା ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଧୀନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୫-୨୬ ଆର୍ଥିକ ବର୍ଷରେ ସମ୍ପାଦିତ ସମସ୍ତ କାର୍ଯ୍ୟର ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। ଏପିଓ ପ୍ରଦ୍ୟୁମ୍ନ କୁମାର ସାହୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ୧ ଏପ୍ରିଲ ୨୦୨୫ରୁ ୩୦ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ ଖସଡ଼ା ବିବରଣୀ ପାଠ କରିଥିଲେ। ବୈଠକରେ ଜିଲାପାଳଙ୍କ ପ୍ରତିନିଧି ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର କାଳିଆ ମଲ୍ଲିକ ନୋଡାଲ ଅଧିକାରୀ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ସୋସିଆଲ ଅଡିଟର ହୃଷୀକେଶ ମହାକୁର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ମହାନନ୍ଦ, ବ୍ଲକ ଜନଶୁଣାଣୀ କମିଟି ସଦସ୍ୟମାନେ ମଞ୍ଚାସୀନ ଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଲ୍ଲିକ ୧୦୦ଦିନର କାମ ସହ ୩୬୫ଦିନର ଜୀବନ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ଯୋଜନାର ଉଦ୍ଦେଶ୍ୟ ବୋଲି କହିଥିଲେ। ଅଭିଯୋଗ ଶୁଣାଣିରେ ଅନେକ ଗଠନମୂଳକ ପ୍ରସ୍ତାବ ସହ ଗ୍ରାମୀଣ ଭିତ୍ତିଭୂମି ବିକାଶ ତଥା ପରିମଳ ସ୍ୱଚ୍ଛତା ପାଇଁ ପଞ୍ଚଦଶ ଅର୍ଥ ଆୟୋଗ ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନ ଅଧିକ ବିନିଯୋଗ କରିବା ପାଇଁ ମଲ୍ଲିକ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଅଧିକାରୀ ସଞ୍ଜୟ କୁମାର ବଡମାଲି ସମୀକ୍ଷା ସମୟରେ ଦୃଷ୍ଟି ଗୋଚରକୁ ଆସିଥିବା ୫୪ଟି କାର୍ଯ୍ୟର ତ୍ରୁଟି ଓ ଅନିୟମିତତାର ବିବରଣୀ ଉପସ୍ଥାପନା କରିଥିଲେ। ୭ ଦିନ ମଧ୍ୟରେ ଆବଶ୍ୟକ କାଗଜାତ ପ୍ରସ୍ତୁତ କରି ବିଡ଼ିଓଙ୍କୁ ପ୍ରଦାନ କରିବାକୁ ଅଭିଯୋଗଗୁଡିକର ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ପିଇଓ, ଭିରାପି, ଜିଆରଏସ୍, ନିର୍ବାହୀ ଅଧିକାରୀମାନେ, ବ୍ଲକସ୍ତରୀୟ ସମସ୍ତ ଅଧିକାରୀ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ସ୍ୱେଚ୍ଛାସେବୀ କର୍ମୀ, ସରପଞ୍ଚ, ସମିତି ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରଥିଲେ। ୨୦୨୫-୨୬ବର୍ଷରେ ଡୁଙ୍ଗୁରିପାଲି ବ୍ଲକର ୨୬ଗ୍ରାମପଞ୍ଚାୟତରେ ୨୩ ହଜାର ୮୮୫ ପରିବାର ଏହି ଯୋଜନାରେ ନାମ ପଞ୍ଜୀକରଣ କରି ସମସ୍ତଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ବ୍ଲକର ୮୦୪୭ ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିଲେ। ୪୩୦୯ଜଣ କାମରେ ଯୋଗଦେଇଥିବାବେଳେ ୭୪୫୮୭ ଦିନ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ୩୦୨୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ୧୧୬୪ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ୭ଟି ପରିବାର ୧୦୦ ଦିନର କାମ କରିଥିଲେ। ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଥିବା ୧୦ଜଣ ଜବ କାର୍ଡଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।









# ଶିକ୍ଷାଦାନ ଦେଇଛି ସ୍ୱତନ୍ତ୍ର ପରିଚୟ

**ଦେବଗଡ଼,୩୧।୩(ଶଶାଙ୍କ ଶେଖର ଝାଙ୍କର)**

ଶିକ୍ଷାଦାନ ଏମିତି ଏକ ମହତକାର୍ଯ୍ୟ ଯାହା ଜଣେ ମଣିଷକୁ ନୂତନ ତଥା ସ୍ୱତନ୍ତ୍ର ପରିଚୟ ଦେବା ସହ ଅନ୍ୟ ଜଣଙ୍କ ଭବିଷ୍ୟତ ଗଢ଼ିବାର ମୂଳଦୁଆ ହୋଇଥାଏ। ଏହି ଶିକ୍ଷାଦାନ ମାଧ୍ୟମରେ କେବଳ ନିଜ ଜିଲାରେ ନୁହେଁ, ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି ପ୍ରଶାନ୍ତ ସାହୁ, ଯିଏ ପ୍ରଶାନ୍ତ ସାର୍ ଭାବେ ପରିଚିତ। ଦେବଗଡ଼ ଜିଲା ତିଲେଇବଣି ବ୍ଲକ କୁରଡ଼ ଗ୍ରାମର ସରଳ ପରିବେଶରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱରରେ ନିଜର ଅଲଗା ପରିଚୟ ସୃଷ୍ଟି କରିଥିବା ପ୍ରଶାନ୍ତ ଆଜି ଲକ୍ଷାଧିକ ଛାତ୍ରୀଛାତ୍ରଙ୍କର ପ୍ରିୟ ସାର୍ ହୋଇପାରିଛନ୍ତି। ସେ ନିଜ ଜିଲା ଦେବଗଡ଼ ପାଇଁ ଗର୍ବ ଓ ପ୍ରେରଣାର ପ୍ରତୀକ ହୋଇଉଠିଛନ୍ତି। ଦେବଗଡ଼ ଜିଲା ତିଲେଇବଣି ବ୍ଲକର ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତ ଦିବ୍ୟରାଜ ସାହୁ ଓ ସୁମିତ୍ରା ସାହୁଙ୍କ ସନ୍ତାନ ହେଉଛନ୍ତି ପ୍ରଶାନ୍ତ। କୁରଡ଼ ଗାଁର ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ଆରମ୍ଭକରି ରାଜା ବାସୁଦେବ ହାଇସ୍କୁଲ ଓ ଦେବଗଡ଼ କଲେଜରେ ଶିକ୍ଷା ଅର୍ଜନ କରିଥିଲେ। ୨୦୦୩ରେ ସେ ସ୍ୱପ୍ନକୁ ସାକାର କରିବା ପାଇଁ ଭୁବନେଶ୍ୱର ଚାଲିଆସିଥିଲେ। ସେଠାରେ ନିଜେ ଅଧ୍ୟୟନ କରିବା ସହ ସରକାରୀ ଚାକିରି ପ୍ରସ୍ତୁତି ପାଇଁ ଦି ବ୍ରେନ ନାମକ କୋଚିଂ ସଂସ୍ଥା ଆରମ୍ଭ କରିଥିଲେ। ଯେଉଁଠାରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାର ଛାତ୍ରୀଛାତ୍ର କୋଚିଂ ଗ୍ରହଣ କରୁଛନ୍ତି। ତାଙ୍କର ଅଦମ୍ୟ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ଗୁଣାତ୍ମକ ଶିକ୍ଷାଦାନ ଫଳରେ ଗତ ୨୩ ବର୍ଷ ମଧ୍ୟରେ ଅନେକ ଛାତ୍ରୀଛାତ୍ର ଓଏଏସ, ଲୋକସେବା ଭବନ, ପୋଲିସ, ରେଲୱେ, ବ୍ୟାଙ୍କିଙ୍ଗ, ଶିକ୍ଷକତା, ଅବକାରୀ ଓ ଅନ୍ୟାନ୍ୟ ସରକାରୀ ବିଭାଗରେ ସଫଳତାର ସହ ନିଯୁକ୍ତି ପାଇ ସମାଜରେ ଅବସ୍ଥାପିତ ହୋଇଛନ୍ତି। ଗରିବ ଛାତ୍ରୀଛାତ୍ରଙ୍କୁ ସେ ସ୍ୱଳ୍ପ ଅର୍ଥରେ ଶିକ୍ଷାଦାନ କରି ସେମାନଙ୍କୁ ପ୍ରତିଷ୍ଠିତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହା ତାଙ୍କର ଶିକ୍ଷାଦାନର ଉତ୍କୃଷ୍ଟତାର ସ୍ପଷ୍ଟ ପ୍ରମାଣ। ତାଙ୍କ ସଫଳତା ପଛରେ ତାଙ୍କ ସ୍ତ୍ରୀ ଅଞ୍ଜନାଙ୍କ ଅତୁଟ ସହଯୋଗ ଓ ପ୍ରେରଣା ରହିଛି। ପ୍ରଶାନ୍ତ ସାର୍ କହନ୍ତି, ପରିବାରର ସମର୍ଥନ ଓ ଛାତ୍ରୀଛାତ୍ରଙ୍କ ଆସ୍ଥା ମୋତେ ସଦା ଆଗକୁ ବଢ଼ାଇଛି। ବିଶେଷକରି ୨୦୨୦ ମସିହାର କରୋନା ଲକ୍‌ଡାଉନ ସମୟରେ ସମସ୍ତ କାର୍ଯ୍ୟକଳାପ ବନ୍ଦ ହୋଇଥିଲାବେଳେ ତାଙ୍କ ପୂର୍ବତନ ଛାତ୍ରୀଛାତ୍ର ଗୁରୁଦକ୍ଷିଣାର ଅନନ୍ୟ ଉଦାହରଣ ସୃଷ୍ଟି କରି ତାଙ୍କ ଅଜାଣତରେ ଆର୍ଥିକ ସହଯୋଗ କରିଥିଲେ। ଏହି ଘଟଣା ତାଙ୍କୁ ଭାବବିହ୍ୱଳ କରିଥିଲା। ଶିକ୍ଷା ପ୍ରତି ତାଙ୍କର ଅଙ୍ଗୀକାରକୁ ଆହୁରି ଦୃଢ଼ କରିଥିଲା। ବିଭିନ୍ନ ସମୟରେ ତାଙ୍କର ଅବଦାନ ପାଇଁ ସେ ଅନେକ ସମ୍ମାନ ଓ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଦେବଗଡ଼ର ମାଟିରୁ ଉଠି ରାଜଧାନୀରେ ନିଜର ପରିଚୟ ସୃଷ୍ଟି କରିବା ସହ ଯୁବପିଢ଼ିଙ୍କ ଭବିଷ୍ୟତ ଗଢ଼ିବାରେ ତାଙ୍କ ଅବଦାନ ଅବର୍ଣ୍ଣନୀୟ। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଶିକ୍ଷାଦାନ ଜାରି ରହିବ ବୋଲି ତାଙ୍କର ଅତୁଟ ସଂକଳ୍ପ ଆଜି ଅନେକଙ୍କ ପାଇଁ ପ୍ରେରଣାର ଆଲୋକସ୍ତମ୍ଭ ହୋଇରହିଛି। ତେଣୁ ଦେବଗଡ଼ ଜିଲା ମାଟି ପାଇଁ ଏକ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।






- ଗରିବ ପିଲାଙ୍କ ପାଇଁ ସ୍ୱଳ୍ପ ଅର୍ଥରେ ଶିକ୍ଷାଦାନ
- ଦେବଗଡ଼ ଜିଲାର ଗର୍ବ ଓ ଗୌରବ ପ୍ରଶାନ୍ତ ସାର୍
- ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଶିକ୍ଷାଦାନ ଜାରି ରହିବ

# ଜିଏମ୍‌ୟୁରେ ପିଏମ୍ ଉଷା ସ୍ପେକ୍ଟ୍ରୋସ୍କୋପି କୋର୍ସ ଉଦ୍‌ଯାପିତ

**ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)**

ଦକ୍ଷତା ବିକାଶ ସ୍ପେକ୍ଟ୍ରୋସ୍କୋପି ସାର୍ଟିଫିକେଟ କୋର୍ସ ଏକ ଅଭିନବ ଶିକ୍ଷଣ କାର୍ଯ୍ୟକ୍ରମ। ଯାହା ପିଏମ୍-ଉଷା ଯୋଜନାର ଲକ୍ଷ୍ୟକୁ ସଫଳ କରିବାରେ ସହାୟକ ହୋଇଛି। ଜିଏମ୍‌ୟୁ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ(ପିଏମ୍ ଉଷା) ଅଧୀନରେ ମଙ୍ଗଳବାର ଆୟୋଜିତ 'ଜୈବିକ ଯୌଗିକର ପରିଚୟ ପାଇଁ ସ୍ପେକ୍ଟ୍ରୋସ୍କୋପିକ ପ୍ରଣାଳୀ' ଶୀର୍ଷକ ଦକ୍ଷତା ବିକାଶ ସର୍ଟିଫିକେଟ୍ କୋର୍ସ ସହ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଫେସର ବିଜୟ କୁମାର ମିଶ୍ର ଏହା କହିଛନ୍ତି। କାର୍ଯ୍ୟକ୍ରମର ଭାଲେଡିକ୍ଟୋରି ଅଧିବେଶନ ପ୍ରାରମ୍ଭରେ ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ତଥା କୋର୍ସ ସମନ୍ୱୟକାରୀ ଡ. ସୁପ୍ରଭା ନାୟକ କୋର୍ସର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ମୋନାଲିସା ମହାପାତ୍ର ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନୀତ ଅତିଥିଭାବେ ବିଶ୍ୱବିଦ୍ୟାଳୟ କୁଳ ସଚିବ ସନତ କୁମାର ନାୟକ ଓ ଉପକୁଳ ସଚିବ ଡ. ଚନ୍ଦନ ସାହୁ ଯୋଗ ଦେଇଥିଲେ।

ଗତ ମାର୍ଚ୍ଚ ୨ରୁ ଆରମ୍ଭ ହୋଇଥିବା ଏହି ୩୦ ଦିନିଆ କୋର୍ସରେ ଜିଏମ୍‌ୟୁ ସମେତ ଏନ୍‌ଏସିବି କଲେଜ ଓ ଗାୟତ୍ରୀ କଲେଜ ଅଫ ଫାର୍ମାସିର ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ବାୟୋଟେକ୍ନୋଲୋଜି ଓ ଫାର୍ମାସି ବିଭାଗର ୫୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଫେସର ସତ୍ତ୍ୱ ସାହୁ, ଡ. ଅଜୟ କୁମାର ମିଶ୍ର ଓ ଡ. ଶ୍ରୀନିବାସ ସାହୁ ଛାତ୍ରୀଛାତ୍ରଙ୍କୁ ସ୍ପେକ୍ଟ୍ରମ୍ ବ୍ୟାଖ୍ୟା କରିବାର କୌଶଳ ଶିକ୍ଷା ଦେଇଥିଲେ। ଏହି ଅବସରରେ ଏକ କୋର୍ସ ହ୍ୟାଣ୍ଡବୁକ୍ ଉନ୍ମୋଚନ କରାଯିବା ସହ କୃତୀ ଅଂଶଗ୍ରାହୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଡ. ରୈସା ରାଣୀ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଡ. ଦେବାଶିଷ ବେହେରା ଓ ସୁମନ୍ତ ପ୍ରଧାନ ଉପସ୍ଥିତ ଥିଲେ। ଡ. ସୁପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌରାଧ୍ୟକ୍ଷାଙ୍କ ସମର୍ଥକଙ୍କ ବିଜୟ ଉତ୍ସବ

**ଦେବଗଡ଼,୩୧।୩(ଶଶାଙ୍କ ଶେଖର ଝାଙ୍କର)**



ଦେବଗଡ଼ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କୁ ଅନିୟମିତତା ଅଭିଯୋଗରେ ରାଜ୍ୟ ସରକାର ବହିଷ୍କାର କରିଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଉଚ୍ଚ ନ୍ୟାୟାଳୟ ବେଆଇନ ଦର୍ଶାଇବା ସହି ପୌରାଧ୍ୟକ୍ଷାଙ୍କୁ ପୁନଃ ଅବସ୍ଥାପନ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାକୁ ନେଇ ପୌରାଧ୍ୟକ୍ଷାଙ୍କ ସମର୍ଥକ ମହଲରେ ଖୁସିର ଲହରୀ ଦେଖାଦେଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଦେବଗଡ଼ ସହରର ବିଭିନ୍ନ ଛକରେ ଦୀର୍ଘ ସମୟ ଧରି ବାଣଫୁଟାଇ ବିଜୟ ଉତ୍ସବ ପାଳନ କରିଛନ୍ତି। ସନ୍ଧ୍ୟା ପ୍ରାୟ ୭ଟାରୁ ବାଣ ଫୁଟାଇବା ଆରମ୍ଭ ହୋଇଥିବାବେଳେ ଦେବଗଡ଼ ସହରରେ ଅଦିନିଆ ଦୀପାବଳୀ ପାଳନ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୨୮ରେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ନିୟମିତ ମାସିକ ବୈଠକ ଡାକୁ ନ ଥିବା, ମାର୍କେଟ ଟେଣ୍ଡର ଓ ମୁକ୍ତା ଯୋଜନାରେ ଅନିୟମିତତା କରିଥିବା ଅଭିଯୋଗରେ ରାଜ୍ୟ ସରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବେ ତାଙ୍କୁ ବହିଷ୍କାର କରିଥିଲେ। ବହିଷ୍କୃତ ପୌରାଧ୍ୟକ୍ଷା ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ରାଜ୍ୟ ସରକାର ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈଙ୍କୁ ବେଆଇନ ଭାବେ ପଦବୀରୁ ଅପସାରିତ କରିଥିବା ଉଚ୍ଚ ନ୍ୟାୟାଳୟ ତାଙ୍କ ଆଦେଶରେ ଦର୍ଶାଇବା ସହ ତାଙ୍କୁ ତୁରନ୍ତ ପୌରାଧ୍ୟକ୍ଷା ପଦବୀରେ ପୁନଃ ଅବସ୍ଥାପିତ କରିବାକୁ ପୌର ନିର୍ଦ୍ଦେଶକ ତଥା ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଆଦେଶ ଦେଇଛନ୍ତି।

# ମହୁମାଛି ଆକ୍ରମଣରେ ୫ ଆହତ: ୩ ଗୁରୁତର







ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବା ୩ ଯୁବକ ଚିକିତ୍ସିତ ହେଉଛନ୍ତି।

**ଦେବଗଡ଼,୩୧।୩ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ସ୍ଥିତ କୁରଡ଼କୋଟ ଜଳପ୍ରପାତ ନିକଟରେ ମହୁମାଛି ଆକ୍ରମଣରେ ୫ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୩ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକମାନେ ହେଲେ ଦେବଗଡ଼ ପୌରାଞ୍ଚଳ ହାତୀଶାଳ ସାହିର ପୃଥ୍ୱୀ ମୁଖି, ପୁରୁଣାଗଡରେ ରହି ପାଠ ପଢୁଥିବା ଅନୁଗୋଳ ଜିଲାର ଭାଗୀରଥି ସାହୁ ଓ ସୌମ୍ୟ ପ୍ରକାଶ ସାହୁ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ପୃଥ୍ୱୀ, ଭାଗୀରଥି ଓ ସୌମ୍ୟପ୍ରକାଶଙ୍କ ସମେତ ବହୁ ଯୁବକ ପୃଥକ ଭାବେ କୁରଡ଼କୋଟ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ବସା ବାନ୍ଧିଥିବା ମହୁମାଛିମାନେ କୌଣସି କାରଣରୁ ହଠାତ ଉଗ୍ର ହୋଇପଡ଼ିବା ସହ ଅତର୍କୀତ ଆକ୍ରମଣ କରିଥିଲେ। ଫଳରେ ଉକ୍ତ ୩ ଜଣଙ୍କ ସମେତ ଆହୁରି ୫ରୁ ଊର୍ଦ୍ଧ୍ୱ ଯୁବକ ଆହତ ହୋଇ ଇତସ୍ତତଃ ଦୌଡି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଚିକିତ୍ସିତ ହୋଇ ନିଜ ଘରକୁ ଫେରିଯାଇଥିଲେ। ମାତ୍ର ପୃଥ୍ୱୀ, ଭାଗୀରଥି ଓ ସୌମ୍ୟପ୍ରକାଶଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନେ ଏବେ ମଧ୍ୟ ସେଠାରେ ସର୍ଜରୀ ୱାର୍ଡରେ ଭର୍ତ୍ତିହୋଇ ଚିକିତ୍ସାଧିନ ଥିବା ଜଣାପଡିଛି।









